

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:65✦27 June 2026 (Saturday) ✦ Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୬୫✦୨୭ ଜୁନ୍ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୧


## ପୂର୍ବାଂଚଳ-ପୂର୍ବୋତ୍ତର ରାଜ୍ୟରୁ ନିବେଶ ଆସିବ

### ସୀମାବର୍ତ୍ତୀ-ପଛୁଆ ଜିଲ୍ଲା ଉପକୃତ ହେବେ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬/୬(ନି/ପ୍ର): ପୂର୍ବ ଓ ପୂର୍ବୋତ୍ତର ରାଜ୍ୟରୁ ନିବେଶ ହାସଲ କରିବା ତଥା ରାଜ୍ୟର ପଛୁଆ ଓ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ନୂଆ ଯୁଗ ଆରମ୍ଭ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର 'ଗୋ-ଇଷ୍ଟ' ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଛନ୍ତି। ସିଆଇଆଇ ପୂର୍ବାଂଚଳ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ଲାଟ୍‌ଫର୍ମକୁ ଉନ୍ମୋଚନ କରିଛନ୍ତି। 'ଓଡ଼ିଶା ସରକାର: ଇଷ୍ଟର୍ଣ୍ଣ ଇନ୍‌ଭେଷ୍ଟମେଂଟ ଆସେଲରେଟର ଆଣ୍ଡ୍ ସ୍ପେସିଆଲ୍ ଟାସ୍କ ଫୋର୍ସ' (ଗୋ-ଇଷ୍ଟ) ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ। ତାହା ସବୁ ନିବେଶ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବ। ଇକିପଲ୍‌ରେ ଏକ ସ୍ୱତନ୍ତ୍ର 'ଗୋ-ଇଷ୍ଟ ପ୍ରକୋଷ୍ଠ' ମଧ୍ୟ ଗଠନ କରାଯିବ। ନିବେଶ ପ୍ରକ୍ରିୟା ଓ ମଞ୍ଜୁରି ସ୍ଥିତିର ବାସ୍ତବ ସ୍ଥିତି ନିରୀକ୍ଷଣ ଓ ଟ୍ରାକିଂ ପାଇଁ ସ୍ୱତନ୍ତ୍ର 'ଗୋ-ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସର୍ବାଧିକ ପୁଞ୍ଜିନିବେଶ ହେବ ଓ ସେଠାରେ ନୂଆ ଶିଳ୍ପ ବିକାଶ କେନ୍ଦ୍ର ଗଢ଼ି ଉଠିବ। ଆଗାମୀ ୫ ବର୍ଷରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶିଳ୍ପ ନୀତି ୨୦୨୨ରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ରାଜ୍ୟର ୧୫ଟି ଜିଲ୍ଲାକୁ ଅଗ୍ରାଧିକାର ଶ୍ରେଣୀ (ଥ୍ରଷ୍ଟ ସେକ୍ଟର)ରେ ସାମିଲ କରାଯିବ। ସେଠାରେ ଅଣ ଖଣିଜ ଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯିବ। ସେ କହିଲେ, ପୂର୍ବରୁ ଶିଳ୍ପ ପ୍ରତିଷ୍ଠା କରିବାକୁ ୪୦୦ ଦିନ ସମୟ ଲାଗୁଥିଲା। ତାହା ?ଏବେ ୧୬୦ ଦିନକୁ ହ୍ରାସ ପାଇଛି। ଆଗକୁ ତାହାକୁ ୧୦୦ ଦିନ ପର୍ଯ୍ୟନ୍ତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ଜୁନ ପରଠାରୁ ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍ ?ଘାଟନ ପର୍ଯ୍ୟାୟରେ ପହଂଚିଛି। ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଗୁରୁତ୍ୱାରୋପ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ଗଠନ କଲେ ବାଚସ୍ପତି

### ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପିଏସି କମିଟି ଅଧ୍ୟକ୍ଷ



ଭୁବନେଶ୍ୱର,୨୬/୬(ନି/ପ୍ର): ଓଡ଼ିଶା ବିଧାନସଭାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ସ୍ଥାୟୀ, ବିଭାଗୀୟ ଓ ଗୃହ କମିଟି ଗଠନ କରାଯାଇଛି। ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ଗଠନ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ଓ ପିଏସି କମିଟି ଗଠିତ ହୋଇଛି। ୩୫ରୁ ଅଧିକ ପିଏସି କମିଟି ଓ ୧୦ଟି ଷ୍ଟାଣ୍ଡିଂ କମିଟି ଗଠନ ହୋଇଛି। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ଏକାଧିକ ବିଜ୍ଞପ୍ତି ପ୍ରକାଶ ପାଇଛି। ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପିଏସି କମିଟି ଅଧ୍ୟକ୍ଷ ହେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। କମିଟିରେ ରାମ ଚନ୍ଦ୍ର କାଡାମ, ଅରୁଣ ସାହୁ, ଗଣେଶ୍ୱର ବେହେରା, ସନାତନ ବିଜୁଳିଙ୍କ ସମେତ ୧୧ ବିଧାୟକ ସଦସ୍ୟ ରହିଛନ୍ତି। ସେହିଭଳି ପ୍ରିଭିଲେଜ କମିଟିର ଅଧ୍ୟକ୍ଷ ଜୟନାରାୟଣ ମିଶ୍ର ରହିଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ସଦସ୍ୟ ଅଛନ୍ତି। ସେହିଭଳି ୧୦ ଟି ଷ୍ଟାଣ୍ଡିଙ୍ଗ କମିଟି ଘୋଷଣା କରିଛନ୍ତି ବାଚସ୍ପତି। ଷ୍ଟାଣ୍ଡିଂ କମିଟି ୧ର ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ର, ୨ ର ଅଧ୍ୟକ୍ଷ ସନ୍ତୋଷ ଖଟୁଆ, ୩ର ବାବୁ ସିଂ, ୫ର ବିଭୁତି ପ୍ରଧାନ, ୬ର ରାମ ଚନ୍ଦ୍ର କାଡାମ, ୯ ର ସନାତନ ବିଜୁଳି ଏବଂ ବିଧାୟକ ରଣେନ୍ଦ୍ରପ୍ରତାପ ସ୍ୱାଇଁଙ୍କୁ ପୁନର୍ବାର ଷ୍ଟାଣ୍ଡିଂ କମିଟି ୧୦ ର ଅଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଲାଇବ୍ରେରୀ କମିଟିର ଅଧ୍ୟକ୍ଷ ଭାବେ ଆକାଶ ଦାସ ନାୟକ ଚୟନ ହୋଇଥିବା ବେଳେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି ୧୧ ନିଳମ୍ବିତ ବିଧାୟକ।

## କେତନ ହତ୍ୟାକାଣ୍ଡରେ ବଡ ଖୁଲାସା :

### ସିଆ ନା ଚେତନ କିଏ ଅସଲ ମାଷ୍ଟରମାଇଣ୍ଡ ?



ନୂଆଦିଲ୍ଲୀ,୨୬/୬: ବହୁ ଚର୍ଚ୍ଚିତ ପୁଣେର କେତନ ଅଗ୍ରୱାଲ ହତ୍ୟା ମାମଲାରେ ପ୍ରତିଦିନ ନୂଆ ନୂଆ ଖୁଲାସା ହେଉଛି। ଲୋହାଗଡ଼ ଦୁର୍ଗରୁ ପଡ଼ିଥିବା ୨୬ ବର୍ଷୀୟ ରିଅଲ୍ ଇଷ୍ଟେଟ୍ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁକୁ ଏବେ ଏକ ଯୋଜନାବଦ୍ଧ ହତ୍ୟା ବୋଲି ତଦନ୍ତ କରାଯାଉଛି। ମାମଲାରେ ଗିରଫ ହୋଇଥିବା ପ୍ରେମିକା ସିଆ ଗୋଏଲ ଏବଂ ତାଙ୍କ ପ୍ରେମିକ ଅଭିଯୁକ୍ତ ଚେତନ ଚୌଧୁରୀ ଏବେ ଜେରା ସମୟରେ ପରସ୍ପରକୁ ହତ୍ୟା ଷଡ଼ଯନ୍ତ୍ରର ଶିକାର ବୋଲି ଅଭିଯୋଗ କରୁଛନ୍ତି। ପୁଲିସ ସେମାନଙ୍କ ବୟାନରେ ଅନେକ ଭିନ୍ନତା ପାଇଛି। ତଦନ୍ତକାରୀ ଅଧିକାରୀମାନେ ଦାବି କରୁଛନ୍ତି ଯେ ଏପର୍ଯ୍ୟନ୍ତ ସଂଗୃହୀତ ପ୍ରମାଣ ସିଆ ଗୋଏଲଙ୍କ ଆଡ଼କୁ ଇଙ୍ଗିତ କରୁଛି। ପୁଲିସ ଠାରୁ ମିଳିଥିବା ସୂଚନାନୁଯାୟୀ, ଫେବୃଆରୀରେ ନିର୍ବନ୍ଧ ପରେ ସିଆ ଏବଂ କେତନ ଚଳିତ ବର୍ଷ ବିବାହ କରିବାର ଥିଲା। ପଚରାଉଚରା ସମୟରେ ସିଆ ଦାବି କରିଥିଲେ ଯେ ସେ ବିବାହ କରିବାକୁ ଚାହୁଁ ନଥିଲେ ଏବଂ କେତନକୁ ଏ ବିଷୟରେ ଅନେକ ଥର କହିଥିଲେ। ସିଆ ଅଭିଯୋଗ କରିଛନ୍ତି ଯେ ଚେତନ ଚୌଧୁରୀ କେତନକୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଏହି ସମୟରେ, ଚେତନ ପୁଲିସକୁ କହିଛନ୍ତି ଯେ ସିଆ ତାଙ୍କୁ କେତନକୁ ହତ୍ୟା କରିବା ପାଇଁ ଚାପ ପକାଇଥିଲେ। ଏହି ଭିନ୍ନ ବୟାନ ମଧ୍ୟରେ, ପୁଲିସ ଉଭୟଙ୍କୁ ନିରନ୍ତର ପଚରାଉଚରା କରୁଛି। ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି ଯେ ଏପର୍ଯ୍ୟନ୍ତ ସଂଗୃହିତ ପ୍ରମାଣ ସୂଚାଇ ଦେଉଛି ଯେ ସିଆ ଗୋଏଲ ସମଗ୍ର ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ହୋଇପାରେ। ସିଆ ଏବଂ ଚେତନ ଗତ ବର୍ଷ ଏକ ଦୀପାବଳି ପାର୍ଟିରେ ସାକ୍ଷାତ କରିଥିଲେ। ପରେ ସେମାନେ ନିକଟତର ହୋଇଥିଲେ ଏବଂ ନିରନ୍ତର ଯୋଗାଯୋଗରେ ରହିଥିଲେ। ତଦନ୍ତକାରୀ ସଂସ୍ଥାଗୁଡ଼ିକ ସନ୍ଦେହ କରୁଛନ୍ତି ଯେ ସେମାନେ କେତନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ମିଡିଆ ରିପୋର୍ଟ ଅନୁଯାୟୀ, ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଲା ଯେ ସିଆ ଗୋଏଲ ଏବଂ ଚେତନ ଚୌଧୁରୀ ଅନେକ ମାସ ଧରି ନିରନ୍ତର ଯୋଗାଯୋଗରେ ଥିଲେ। ଛଅ ମାସ ମଧ୍ୟରେ ଉଭୟଙ୍କ ମଧ୍ୟରେ ୨,୦୦୦ ରୁ ଅଧିକ ବାର୍ତ୍ତାଳାପ ହୋଇଥିଲା, ଯାହା ମୋଟ ୨୩୮ ଘଣ୍ଟାରୁ ଅଧିକ ଥିଲା। କିଛି କଲ୍ ଦୁଇ କିମ୍ବା ତିନି ଘଣ୍ଟା ଧରି ଚାଲିଥିଲା। ପୁଲିସ ବିଶ୍ୱାସ କରୁଛି ଯେ ଏହା କେବଳ ଏକ ସାଧାରଣ ବନ୍ଧୁତା ନୁହେଁ। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଘଟଣାର ଗୋଟିଏ ଦିନ ପୂର୍ବରୁ ଉଭୟ ସହରର ଏକ କାଫେରେ ସାକ୍ଷାତ କରିଥିଲେ। ପୁଲିସ ସନ୍ଦେହ କରୁଛି ଯେ କେତନଙ୍କୁ ହତ୍ୟା କରିବା ପାଇଁ ଏହି ସାକ୍ଷାତ ସମୟରେ ଯୋଜନା ଉପରେ ଆଲୋଚନା ହୋଇଥିଲା। ରିପୋର୍ଟ କରାଯାଉଛି ଯେ ଲୋହାଗଡ଼ ଦୁର୍ଗର ସ୍ଥାନ, ଯେଉଁଠାରେ ଲୋକଙ୍କ ସଂଖ୍ୟା କମ୍, ତାହା ମଧ୍ୟ ପୂର୍ବରୁ ଚୟନ କରାଯାଇଥିଲା, ଯାହା ଫଳରେ ଏକ ଘଟଣାକୁ ଦୁର୍ଘଟଣା ଭାବରେ ଲୁଚାଇବା ସହଜ ହୋଇଥିଲା। ସିଆ ଗୋୟଲ ଏବଂ ଚେତନ ଚୌଧୁରୀ ବର୍ତ୍ତମାନ ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତରେ ଅଛନ୍ତି।

## ମାଡ଼ି ଆସୁଛି 'ଏଲ୍ ନିନୋ' ପ୍ରଭାବ !

### ସଙ୍କଟରେ ଓଡ଼ିଶା ସମେତ ୩୧୫ ଜିଲ୍ଲା, ଖରିଫ୍ ଚାଷ ବଚାଂଇବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୨୬।୬: ମୌସୁମୀ ଋତୁରେ ଜୁନ୍ ୨୩ ସୁଦ୍ଧା ଭାରତରେ ୪୨% କମ୍ ବର୍ଷା ଏବଂ ଏଲ୍ନିନୋ ପ୍ରଭାବକୁ ଦୃଷ୍ଟିରେ ରଖି ସରକାର ତତ୍ପର ହୋଇଛନ୍ତି। ଖରିଫ୍ ଫସଲକୁ ବଚାଂଇବା ପାଇଁ ଆପାତକାଳୀନ ଉପାୟ ଉପରେ ବିଚାର କରୁଛନ୍ତି। କମ୍ ବର୍ଷା ଏବଂ ଜଳସେଚନ ଅଭାବଯୁକ୍ତ ୩୧୫ ଜିଲ୍ଲାର ଚିହ୍ନଟ କରିଛନ୍ତି, ଯେଉଁ ଅଚଂଳରେ ମରୁଡ଼ି ସମ୍ଭାବନା ରହିଛି। ଏଥିମଧ୍ୟରୁ ଅଧିକାଂଶ ଜିଲ୍ଲା ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତର ପ୍ରଦେଶ ଏବଂ ଓଡ଼ିଶା ଆଦି ରାଜ୍ୟରେ ରହିଛି। ଜିଲ୍ଲା ହିସାବରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କୃଷିମନ୍ତ୍ରୀ ଶୀବରାଜ ସିଂହ ଚୌହାନ ମଙ୍ଗଳବାର ଦୁର୍ବଳ ମୌସୁମୀର ମୁକାବିଲା ଦିଗରେ ଦେଶର ପ୍ରସ୍ତୁତି ଉପରେ ସମୀକ୍ଷା କରିଥିଲେ। ସେ ଫସଲ ଉତ୍ପାଦନ ଉପରେ ପ୍ରଭାବ କମ୍ କରିବା ପାଇଁ ଜଳ ସଂରକ୍ଷଣ, ଫସଲ ବିବିଧକରଣ ଏବଂ ବୈଜ୍ଞାନିକ ଉପାୟରେ ଚାଷକାର୍ଯ୍ୟ ଉପରେ ଜୋର ଦେଇଛନ୍ତି। ସରକାର ୨୦୨୬ ଖରିଫ ଋତୁ ପାଇଁ ଶସ୍ୟ ଉତ୍ପାଦନ ଲକ୍ଷ ପାଖାପାଖି ୧୭.୬ କୋଟି ଟନ୍ ଧାର୍ଯ୍ୟ କରିଛନ୍ତି। ଏହା ପୂର୍ବବର୍ଷ ଅମଳ ଋତୁର ଉତ୍ପାଦନ ସହ ସମାନ। ଏଯାବତ କମ୍ ବର୍ଷା ସତ୍ତ୍ୱେ ଜୁନ୍ ୨୨ ସୁଦ୍ଧା ୧.୧୯ କୋଟି ହେକ୍ଟର ଜମିରେ ଫସଲ ବୁଣାଯାଇସାରିଛି। ପୂର୍ବବର୍ଷ ସମାନ ସମୟରେ ଏହା ଥିଲା ୧.୧୭ କୋଟି ହେକ୍ଟର। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସୋୟାବିନ ଚାଷ ସାମାନ୍ୟ ପଛୁଆ ରହୁଛି। କୃଷି ମନ୍ତ୍ରାଳୟ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ମିଳିତ ହୋଇ ବର୍ଷା ପାଟର୍ଣ୍ଣ, ଜଳସେଚନ ସୁବିଧା ଏବଂ ସ୍ଥାନୀୟ ମୌସୁମୀ ସ୍ଥିତିର ବୈଜ୍ଞାନିକ ତଥ୍ୟ ବ୍ୟବହାର କରି କମ୍ ବର୍ଷା ସମ୍ଭାବନା ଥିବା ଜିଲ୍ଲାଗୁଡ଼ିକୁ ଚିହ୍ନଟ କରିଛନ୍ତି। ଚିହ୍ନଟ ହୋଇଥିବା ୩୧୫ ଜିଲ୍ଲା ମଧ୍ୟରୁ ୧୧୧କୁ ଉଚ୍ଚ ପ୍ରାଥମିକତାଯୁକ୍ତ ବର୍ଗରେ ରଖାଯାଇଛି, ଯେଉଁଠାରେ ଜଳସେଚନ ସୁବିଧା ୨୫%ରୁ କମ ରହିଛି। ୭୬ ଜିଲ୍ଲା 'ମଧ୍ୟମ ପ୍ରାଥମିକତା' ବର୍ଗରେ ଅଛନ୍ତି, ଯେଉଁଠାରେ ଜଳସେଚନ ସୁବିଧା ୨୫-୫୦% ମଧ୍ୟରେ ରହିଛି। ସେହିଭଳି ୧୨୮ ଜିଲ୍ଲାକୁ ଅପେକ୍ଷାକୃତ କମ୍ ରିସ୍କଯୁକ୍ତ ବର୍ଗରେ ରଖାଯାଇଛି। କାରଣ ଏଠାକାର ଜଳାଶ୍ରୟ ଏବଂ ଅନ୍ୟ ଉତ୍ସଗୁଡ଼ିକ ମାଧ୍ୟମରେ ଜଳସେଚନର ଉନ୍ନତ ସୁବିଧା ଉପଲବ୍ଧ ରହିଛି। ଚିହ୍ନଟ ହୋଇଥିବା ଜିଲ୍ଲା ମଧ୍ୟରୁ ଅଧିକାଂଶ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଉତର ପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ରହିଛି।

### ପାଲ ହାଇଟ୍ସ ଛକରେ ହୁତୁହୁତୁ ହୋଇ ଜଳିଲା କାର୍

ଭୁବନେଶ୍ୱର,୨୬/୬(ନି/ପ୍ର): ରାଜଧାନୀ ରାଜରାସ୍ତାରେ ହୁତୁହୁତୁ ହୋଇ ଜଳିଗଲା କାର। ପାଲ ହାଇଟ୍ସ ଛକ ଉପରେ ଜଳିଗଲା କାର। ସେଭେନ ସିଟର୍ କାରରେ ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ଯାତ୍ରୀ ତୁରନ୍ତ କାର୍ ଛାଡି ପଳାଇଥିଲେ। ଏସି କମ୍ପ୍ରେସର ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ନେଇ ସୂଚନା ମିଳିଛି। ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟନ୍ତ କରିଛି। ଏହି ଅଗ୍ନିକାଣ୍ଡ ଫଳରେ ଜୟଦେବ ବିହାରରୁ ଜାଭିୟର ଛକ ଯାଏ ଟ୍ରାଫିକ୍ ଜାମ୍ ହୋଇଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଥିଲେ।

### ପିକଅପ୍ ସହ ଟ୍ରକ୍ ଧକ୍କାରେ ସାତ ଜଣଙ୍କର ମୃତ୍ୟୁ

ରାମଗଡ଼,୨୬/୬: ଝାଡ଼ଖଣ୍ଡର ରାମଗଡ଼-ବୋକାରୋ ମୁଖ୍ୟ ରାସ୍ତାରେ ଲାରି ଗାଁ ନିକଟରେ ଏକ ଟ୍ରକ୍ ଏବଂ ପିକଅପ୍ ମଧ୍ୟରେମୁହାଁମୁହିଁ ଧକ୍କା ହୋଇଛି। ଗୁରୁବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ହୋଇଥିବା ଏହି ଦୁର୍ଘଟଣାରେ ପିକଅପ୍‌ରେ ଯାତ୍ରା କରୁଥିବା ସାତ ଜଣଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଛି ଏବଂ କିଛି ଲୋକ ଗୁରୁତର ଆହତ ଅଛନ୍ତି। ଆହତମାନଙ୍କୁ ପ୍ରଥମେ ଚିକିତ୍ସା ପାଇଁ ରାମଗଡ଼ ସଦର ହସ୍ପିଟାଲକୁ ନିଆଯାଇଥିଲା, ସେଠାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ରାଚିଂର ଜଓଗଝକୁ ସ୍ଥାନାନ୍ତରିତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ସମସ୍ତେ ଏକ ତାଶା ପାର୍ଟିର ସଦସ୍ୟ ଥିଲେ ଏବଂ ମହରମ୍ ମହୋତ୍ସବରେ ଯୋଗ ଦେଇ ନିଜ ଗାଁକୁ ଫେରୁଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ପିକଅପ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ପୁଲିସ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଡ୍ରାଇଭର ଫେରାର୍ ଥିବା ଜଣାପଡ଼ିଛି। ତାଶା ପାର୍ଟିର ଦୁଇଜଣ ସଦସ୍ୟ ରାମଗଡ଼ର ରାଜରାପ୍ପା ଥାନା ଅଞ୍ଚଳର ମାରଙ୍ଗମାର୍ଚ୍ଚା ଗାଁର ବାସିନ୍ଦା ଏବଂ ୫ ଜଣ କୁଜୁର ବାଲସାଗ୍ରା ଗାଁର ବାସିନ୍ଦା ଥିଲେ। ସମସ୍ତଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ଥିଲା। ଲାରି ବୁଦ୍ଧ ବଜାର ନିକଟସ୍ଥ ହୋଟେଲ ସମ୍ରାଟ ନିକଟରେ ସେମାନଙ୍କ ପିକଅପ୍ ଗାଡ଼ି ପହଂଚିବା ମାତ୍ରେ, ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଅନିୟନ୍ତ୍ରିତ ଟ୍ରକ୍ ସାମ୍ନା ପାର୍ଶ୍ୱରୁ ଧକ୍କା ଦେଇଥିଲା।



### ମହେଶ ଦୀକ୍ଷିତ ଇଣ୍ଟେଲିଜେନ୍ସ ବ୍ୟୁରୋ ମୁଖ୍ୟ ନିଯୁକ୍ତ



ନୂଆଦିଲ୍ଲୀ.୨୬/୬: କେନ୍ଦ୍ର ସରକାର ଆଇପିଏସ୍ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପରବର୍ତ୍ତୀ ମୁଖ୍ୟ ଭାବରେ ନିଯୁକ୍ତ କରିଛନ୍ତି। ଦୀକ୍ଷିତ ତପନ ଡେକାଙ୍କ ସ୍ଥାନରେ ନୂଆ ନିଯୁକ୍ତି ପାଇଛନ୍ତି। ଜୁନ୍ ୩୦ ତାରିଖରେ ଡେକାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହେବା ପରେ ଦୀକ୍ଷିତ ଦାୟିତ୍ୱ ଗ୍ରହଣ କରିବେ। ହିମାଚଳ ପ୍ରଦେଶ କ୍ୟାଡରର ୧୯୮୮ବ୍ୟାଚ୍ ଅଧିକାରୀ ଡେକାଙ୍କୁ ୨୦୨୨ ରେ ଆଇବି ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଥିଲା ଓ ତା'ପରେ ତାଙ୍କୁ ଦୁଇ ଥର ଗୋଟିଏ ବର୍ଷ ଲେଖାଏଁ ଏକ୍ସଟେନ୍ସନ୍ ଦିଆଯାଇଥିଲା। ୧୯୯୩ ବ୍ୟାଚ ଆନ୍ଧ୍ର ପ୍ରଦେଶ କ୍ୟାଡରର ଆଇପିଏସ୍ ଅଧିକାରୀ ଦୀକ୍ଷିତ ବର୍ତ୍ତମାନ ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ଦୁଇ ବର୍ଷ ପାଇଁ ଦୀକ୍ଷିତଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ଦୀକ୍ଷିତ ଆଇପିଏସ୍ ହେବା ପୂର୍ବରୁ ଜଣେ ଡାକ୍ତର ଥିଲେ। ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା କରିବାରେ ତାଙ୍କର ବ୍ୟାପକ ପରିଚାଳନାଗତ ଓ ଗୁଇନ୍ଦା ଅଭିଜ୍ଞତା ରହିଛି। ତାଙ୍କର ଆତଙ୍କବାଦ ବିରୋଧୀ କାର୍ଯ୍ୟରେ ମଧ୍ୟ ଅଭିଜ୍ଞତା ରହିଛି। ଆଇବିରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହେବା ପୂର୍ବରୁ ସେ ସମ୍ବେଦନଶୀଳ କାଶ୍ମୀର ସବସିଡିଆରୀ ଇଣ୍ଟେଲିଜେନ୍ସ ବ୍ୟୁରୋର ନେତୃତ୍ୱ ନେଇଥିଲେ ଓ ଧାରା ୩୭୦ ଉଚ୍ଛେଦ ପରେ କେନ୍ଦ୍ର ଶାସିତ ଅଚଂଳରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଆଚଂଳିକ ସୁରକ୍ଷା ବିପଦକୁ ମୁକାବିଲା କରିବାରେ ଅଭିଜ୍ଞତା ମଧ୍ୟ ଅଛି, ଉତର-ପୂର୍ବ ଏବଂ ଲଦାଖରେ ଅପରେସନ ଠାରୁ ଆରମ୍ଭ କରି ନକ୍ସଲ ବିରୋଧୀ ଡେସ୍କ ପର୍ଯ୍ୟନ୍ତ ବିଭିନ୍ନ ବିଭାଗ ପରିଚାଳନା କରିଛନ୍ତି। ଆଇବି ଦେଶର ପ୍ରମୁଖ ଘରୋଇ ଗୁଇନ୍ଦା ସଂସ୍ଥା ଯାହା ଆତଙ୍କବାଦ, ବିଭିନ୍ନ ଅଚଂଳରେ ସଂଘର୍ଷ, ସରକାରୀ ନୀତି ସହିତ ଜଡିତ ବିପଦ ମୂଲ୍ୟାଙ୍କନ ସମେତ ଅନେକ ପ୍ରସଙ୍ଗରେ ଗୁପ୍ତ ସୂଚନା ସଂଗ୍ରହ କରେ। ଏହା ଅନ୍ୟ ଏଜେନ୍ସି ଓ ପୁଲିସ ବାହିନୀକୁ ମଧ୍ୟ ସହାୟତା ପ୍ରଦାନ କରେ।

### ହର୍ମୁଜ ପ୍ରଣାଳୀରେ ମାଲବାହୀ ଜାହାଜ ଉପରେ ଇରାନର ଆକ୍ରମଣ



ତେହେରାନ,୨୬/୬: ବିଶ୍ୱରେ ତୈଳ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀରେ ପୁଣି ଥରେ ଗୁଳିଗୋଳା ବର୍ଷଣ ହୋଇଛି। ଏକ ବାଣିଜ୍ୟିକ ମାଲବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ପାଇଁ ଆମେରିକା ସିଧାସଳଖ ଇରାନର ରିଭଲ୍ୟୁସନାରୀ ଗାର୍ଡକୁ ଦାୟୀ କରିଛି। ଜାହାଜରୁ ଟୋଲ୍ ଆଦାୟ କରିବାକୁ ତେହେରାନର ଜିଦ୍ ଓ ଏହି ସଦ୍ୟତମ ଆକ୍ରମଣ ଆମେରିକା-ଇରାନ ଶାନ୍ତି ଚୁକ୍ତି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ସିଙ୍ଗାପୁର ପତାକା ବହନ କରୁଥିବା 'ଏଭର ଲଭଲି' ନାମକ କଣ୍ଟେନର ଜାହାଜକୁ ଓମାନ ଉପକୂଳରେ ଇରାନୀ ଅର୍ଦ୍ଧସାମରିକ ବାହିନୀର ଡ୍ରୋନ୍ ଦ୍ୱାରା ଟାର୍ଗେଟ କରାଯାଇଥିଲା। ଆମେରିକା ଓ ଇରାନ ଶାନ୍ତି ଚୁକ୍ତି ସୂତାଖିଅରେ ଝୁଲୁଥିବାବେଳେ ଏହି ଆକ୍ରମଣ ଶାନ୍ତି ପାଇଁ ଏକ ଆହ୍ୱାନ ବୋଲି କୁହାଯାଉଛି। ନ୍ୟୁଜ ଏଜେନ୍ସି ରଏଟର୍ସ ରିପୋର୍ଟ ଅନୁଯାୟୀ ଆମେରିକା ଅଧିକାରୀ କହିଛନ୍ତି ଯେ, ଆଇଆରଜିସି ଏହି ମାଲବାହୀ ଜାହାଜ ଉପରେ ଆକ୍ରମଣ କରିଛି। ବର୍ତ୍ତମାନ ଏହି ଆକ୍ରମଣ ପାଇଁ ଆମେରିକା ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅନ୍ୟପକ୍ଷରେ ଇରାନର ଇସଲାମିକ ସରକାର ମଧ୍ୟ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ତେବେ ଆମେରିକା ଓ ଇରାନ ମଧ୍ୟରେ ଚୁକ୍ତି ପରେ ଇରାନ ଚେତାବନୀ ଦେଇଥିଲା ଯେ, ଏହାର ବିନା ଅନୁମତିରେ ହର୍ମୁଜରେ ପ୍ରଣାଳୀ ଦେଇ ଯାଉଥିବା ଯେକୌଣସି ଜାହାଜ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଆକ୍ରମଣ ଉପରେ ବ୍ରିଟେନ ନୌସେନା ପକ୍ଷରୁ ସୂଚନା ଦିଆଯାଇଛି ଯେ, ଓମାନ ଉପକୂଳ ନିକଟରେ ମାଲବାହକ ଜାହାଜ ସହିତ ଏକ ପ୍ରୋଜେକ୍ଟାଇଲ ମାଡ଼ ହୋଇଛି। ଏହାଦ୍ୱାରା ଜାହାଜର କଣ୍ଟ୍ରୋଂଲ ରୁମ ନଷ୍ଟ ହୋଇଯାଇଥିଲା। ତେବେ ଏଥିରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନାହିଁ।




# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ



କେନ୍ଦୁଝର,୨୬/୬(ନି/ପ୍ର) :କୃଷି ବିଜ୍ଞାନ କେନ୍ଦ୍ର ଜୁଡ଼ିଆର ସମ୍ମିଳନୀ କକ୍ଷରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଫ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ଶ୍ରୀ ପ୍ରିଥୁରାଜ ମଂଡଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅନ୍ୟ ଅତିଥିଭାବେ ଭାବେ ମୁଖ୍ୟ ପ୍ରାଣି ଚିକତ୍ସା ଅଧିକାରୀ, କେନ୍ଦୁଝର ଡ଼ଃ ଚନ୍ଦ୍ରଶେଖର ରଥ ; ଆଂଚଳିକ ଗବେଷଣା ଓ଼ କୃଷି କୌଶଳ ସମ୍ପ୍ରସାରଣ କେନ୍ଦ୍ର କେନ୍ଦୁଝରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ଼ ମୁଖ୍ୟ ଡ଼ ସୁକାନ୍ତ କୁମାର ସାହୁ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, କେନ୍ଦୁଝର ଶ୍ରୀ ସୌମେନ୍ଦ୍ର ପାଣିଗ୍ରାହୀ, କୃଷି ନିର୍ବାହୀଯନ୍ତ୍ରୀ ଇ ସମର ବିଶ୍ୱାଳ ମଂଚାସୀନ ଥିଲେ । ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଜିଲ୍ଲା ପ୍ରାଣି ଚିକିତ୍ସକ ଅଧିକାରୀ ବିଭାଗୀୟ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ସାମ୍ପ୍ରସରଣ କର୍ମୀଙ୍କ ପରାମର୍ଶ ନେବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଯୋଗ ନେବା,ପ୍ରାଣୀମାନଙ୍କ ବୀମା କରିବା ପାଇଁ ଆହ୍ୱାନ ଦେଇଥିଲେ । ଚଳିତବର୍ଷର ପାଣିପାଗର ପୂର୍ବାନୁମାନ ଅନୁଯାଇ ଆଗୁଆ ଚାଷ, ସ୍ପ୍ରିଙ୍କଲର ଓ଼ ବୁନ୍ଦା ଜଳସେଚନ ଆପଣାଇ ସଂଚିତ ଜଳର ସଦୁପଯୋଗ, ଫଳ ଚାଷ, ଛତୁ ଚାଷ ପ୍ରଭୃତି କରିବା ପାଇଁ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ । ଆଚଂଳିକ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ, ଏଲ ନିନୋର ପ୍ରଭାବ, ମାଟିର ଜଳଧାରଣ ଶକ୍ତି, ଜୈବିକ କୃଷିର ଆବଶ୍ୟକତା ବିଷୟରେ ମତ ରଖିଥିଲେ କ୍ଷ କୃଷି ଯନ୍ତ୍ରପାତିର ଉପଯୋଗ ବିଷୟରେ କୃଷି ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଚାଷୀଭାଇଭଉଣୀଙ୍କୁ ପରାମର୍ଶ ଦେଇଥିଲେ । ଆପିକଲର ଜିଲ୍ଲା ସଂଯୋଜକ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଥିବା ରିହାତି ବିଷୟରେ ଆଲୋକପାତ କରିଥିଲେ । ସହକାରୀ କୃଷି ଯନ୍ତ୍ରୀ, କୃଷିଯନ୍ତ୍ରପାତି ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି ସମ୍ବନ୍ଧରେ ତଥ୍ୟ ରଖିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏହି କର୍ମଶାଳାରେ କ୍ଷେତ ବଚାଂଅ ଅଭିଯାନ, ପ୍ରାକୃତିକ ଚାଷର ଉପକାରିତା, ଆବଶ୍ୟକତା ଓ଼ ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ ।ସାଧନା ଟ୍ରଷ୍ଟର ମୁଖ୍ୟ ଶ୍ରୀ ଅଜିତ ମହାଭୋଇ, ପ୍ରାକୃତିକ ଚାଷ ସମ୍ପର୍କରେ ତାଙ୍କର ଅଭିଜ୍ଞତା ଓ଼ ପରିବର୍ତ୍ତିତ ଜଳବାୟୁ ଯୋଗୁଁ ପ୍ରାକୃତିକ ଚାଷର ଆବଶ୍ୟକତା ବିଷୟରେ ମତ ରଖିଥିଲେ । ଏହି କର୍ମଶାଳାରେ ତେଲକୋଇ ବ୍ଲକର ରିଙ୍କି ବେହେରାଙ୍କୁ କୃଷି ସେବା କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରିହାତି ରାଶି ପନ୍ଦର ଲକ୍ଷ ଅଣଷଠି ହଜାର ପାଚଂ ଶହ ଷୋହଳ ଟଙ୍କା ପ୍ରଦାନ କରାଯିବା ସହ ସଦର ବ୍ଲକର ପ୍ରମୋଦ କୁମାର ସାହୁ, ହରିଚନ୍ଦନପୁର ବ୍ଲକର ଦୁଃଶାସନ ସେଠୀ, ସଦର ବ୍ଲକର ଭାରତୀଲତା ଗିରି ଓ଼ ସାହାରପଡା ବ୍ଲକର ସୁରେଶ ଚନ୍ଦ୍ର ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଉଦ୍ୟୋଗ ପ୍ରତିଷ୍ଠା ପାଇଁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ କୃଷି ଜିଲ୍ଲା ଅଧିକାରୀ ଘଟଗାଁ ଶ୍ରୀମତୀ କବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ଶତାଧିକ ଚାଷୀ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ଅଧିକାରୀ ଓ଼ ବୈଜ୍ଞାନିକ ଯୋଗ ଦେଇଥିଲେ ।

## ତାମିଲନାଡୁ ଗ୍ୟାସ ଲିକ୍ ଘଟଣା :ସଜନୀ ଜୁଆଙ୍ଗ ମୃତ
### ଆଧାର ନମ୍ବର ମ୍ୟାଚ୍ ନହେବାରୁ ଚିହ୍ନଟ ପକ୍ରିୟା ବିଳମ୍ବ

କେନ୍ଦୁଝର,୨୬/୬(ନି/ପ୍ର): ତାମିଲନାଡୁ ଗ୍ୟାସ ଲିକ୍ ଘଟଣାରେ ଓଡିଶାର ସାତ ଜଣ ଜୁଆଙ୍ଗ ଜନଜାତି ସମ୍ପ୍ରଦାୟର ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଗତକାଲି ବିଳମ୍ବିତ ରାତିରେ ପାଂଚ ଜଣ ଶ୍ରମିକଙ୍କ ଶବ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଜ ଗାଁ ଗୁଡିକୁ ପଠା ଯାଇଛି । ଆଜି ସକାଳୁ ବାଂଶପାଳ ବ୍ଲକର କୋଡ଼ିପଶା ଗ୍ରାମର ଫୁଲମଣି ଜୁଆଙ୍ଗ, ତଳ ଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ, ସେହିପରି ତେଲକୋଇ ବ୍ଲକର ଟାଙ୍ଗିରି ଗ୍ରାମର ଗୀତା ଜୁଆଙ୍ଗ, ଶିବାନୀ ଜୁଆଙ୍ଗ ଓ ତାଳପଦା ଗ୍ରାମର ଗୁମାଣି ଜୁଆଙ୍ଗଙ୍କ ଶବ ଗାଁ ରେ ପଂହଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା । କିନ୍ତୁ କୋଡ଼ିପଶା ଗ୍ରାମର ସଜନୀ ଜୁଆଙ୍ଗଙ୍କ ମୃତ୍ୟୁ ଘଟଣା ଏକ ରୋଚକ ମୋଡ ନେଇଥିଲା । ସଜନୀ ନାବାଳିକା ହୋଇଥିବାରୁ ତାକୁ ତାମିଲନାଡୁ ର ଏକ ସ୍ଥାୟୀ ବାସିନ୍ଦା ଆଧାର କାର୍ଡ ନମ୍ବର ରେ ଉକ୍ତ କମ୍ପାନୀରେ କାର୍ଯ୍ୟ କରୁଥିଲା । ଗ୍ୟାସ୍ ଲିକ୍ ଘଟଣା ପରେ ସଜନୀ ର ଶବ ସହ ଆଧାର କାର୍ଡ ମ୍ୟାଚ୍ ନହେବାରୁ ଚିହ୍ନଟ ପାଇଁ ଅସୁବିଧା ହୋଇଥିଲା । କିନ୍ତୁ ତା ସହ ଯାଇଥିବା ଅନ୍ୟ ଶ୍ରମିକଙ୍କ ଚିହ୍ନଟ ପରେ ଆଜି ତାଙ୍କ ଗାଁ କୁ ଶବ ପଠାଯିବ ବୋଲି ଜଣାପଡିଛି । ଅନ୍ୟପଟେ ସଜନୀ ଘରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବା ବେଳେ ତାର ମୃତ୍ୟୁ ନେଇ ତାର ବିଧବା ମାଆ ଭାଙ୍ଗି ପଡ଼ିଛି । ଏ୍ୱ ଘର କିପରି ଚଳିବ ନେଇ ଚିନ୍ତାରେ ତାକୁ ପକାଇଛି । ଗାଁ ଲୋକେ ମଧ୍ୟ ତାର ପରିବାରକୁ ସରକାରୀ ସାହଯ୍ୟ ନେଇ ନିବେଦନ କରିଛନ୍ତି ।

## ଭୁବନ ଏନ୍ଏସିରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ଭୁବନ,୨୬/୬(ନି/ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ରଗଡ଼ି ଛକ ଠାରେ ଥିବା ବହୁମୁଖୀ ଭବନ ପରିସରରେ ବିକାଶର ଧାରା, ଓଡ଼ିଶା ସାରା ରାଜ୍ୟସ୍ତରୀୟ ସହରାଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସଂଗଠିକା ଶ୍ରୀମତୀ ଚିକୁମୀନା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମକୁ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର ଉଦଘାଟନ କରି ଦୁଇ ବର୍ଷରେ ସରକାର ଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ । ଏହାକୁ ପ୍ରାୟ ଦୁଇଶହ ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଆଭାସୀ ଜରିଆରେ ଦେଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଂଟନ କରାଯାଇଥିଲା ବେଳେ ସ୍ୱଚ୍ଛସାଥି,ପ୍ଲାଂଟ କର୍ମଚାରୀ ଓ ସଫେଇ କର୍ମଚାରୀ ମାନଙ୍କୁ ନଗରପାଳଙ୍କ ଦ୍ୱାରା ପ୍ରଶଂସା ପତ୍ର ବଂଟନ କରାଯାଇଥିଲା । କନିଷ୍ଠ ଯନ୍ତ୍ରୀ ଶକ୍ତି ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଣିରେ ବୁଡିବ ରାଣୀତାଲ ବଜାର

ଭଦ୍ରକ,୨୬/୬(ନି/ପ୍ର): ବର୍ଷାଋତୁ ଆସିଗଲା । ଆଉ କିଛିଦିନ ପରେ ଢାଳିବ ବର୍ଷା ହେଲେ ପାଣି ନିଷ୍କାସନ ପାଇଁ ଡ୍ରେନଜ ବ୍ୟବସ୍ଥା ନ ଥିବାରୁ ପୂର୍ବବର୍ଷ ଭଳି ଏଥର ବି ରାଣୀତାଲ ବଜାର ପାଣିରେ ବୁଡିବ । ସୂଚନା ଅନୁସାରେ ଭଦ୍ରକ ଜିଲ୍ଲାର ଶେଷ ସୀମାରେ ଥିବା ରାଣୀତାଲ ବଜାରର ଆଖ ପାଖରେ ପ୍ରାୟ ଶହେ ଏକର ଜମିର ପାଣି ଗଡି ରାଣୀତାଲ ବଜାର ଦେଇ କେନାଲ କୁ ଯାଉଛି । ସେପଟେ ଜୁଡ଼ାଗଡିଆ ହେଉ କି ସରସତିଆ, ରମ୍ଭିଳା ହେଉ କି ରାହାଞ୍ଚ ସବୁ ଅଂଚଳର ପାଣି ରାଣୀତାଲ ଦେଇ କେନାଲ କୁ ଯାଉଛି । ୧୬ନମ୍ବର ଜାତୀୟ ରାଜପଥ କାମ ବେଳେ ନା ଏହି ଡ୍ରେନେଜ ବ୍ୟବସ୍ଥା ଠିକ କରାଗଲା ନା କୁପାରୀ ରାଣୀତାଲ ରାଜ୍ୟ ରାଜପଥ କାମ ବେଳେ ଏହାକୁ ଦୃଷ୍ଟି ଦିଆଗଲା । ସମସ୍ତେ ରାଣୀତାଲ ଗଳାପୋଲ ପାଖରେ ନିଜ କାମ ରଖି ଠିକାଦାର ଛୁ ମାରିଲେ । ରାଣୀତାଲ ବଜାର ପାଖରୁ କେନାଲକୁ ମାତ୍ର ୨୦୦ମିଟର ଦୂର ହୋଇ ଥିଲେ ବି ଡ୍ରେନେଜ ସିଷ୍ଟମ ନଥିବାରୁ ବର୍ଷାଦିନେ ପାଣି ନିଷ୍କାସନ କମ ହେଉଛି । କେତେକ ଦୋକାନୀ ହୋମ ପାଇପ ପକାଇ ନିଜ ଦୋକାନକୁ ରାସ୍ତା ନେଇଥିବା ବେଳେ ପତ୍ରଦୂନା ଆଦି ପଡି ସେ ନାଳ ଏବେ ବନ୍ଦ । ଗତ ବର୍ଷ ବର୍ଷାରେ ଦୀର୍ଘ ପାଂଚ ଦିନ ଧରି ରାଣୀତାଲ ବଜାର ବୁଡି ରହିବା ପାରେ ସ୍ଥାନୀୟ କିଛି ବୁଦ୍ଧିଯିବି ଏ ବିଷୟରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ । ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ଝୁଂଟିଆ ନିଜେ ଠିଆ ହୋଇ ନାଳ ନିଷ୍କାସନ କାର୍ଯ୍ୟ ତଦାରଖ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ । ହେଲେ କାମ ଯେଉଁଠି ଅଟକି ଥିଲା ସେଇଟି ଅଟକିଛି ହେଲେ ପୁଣି ବର୍ଷଦିନ ଆସି ପହଂଚିଲାଣି । ରାଜନେତା ହେଉ କି ଜିଲ୍ଲା ପ୍ରଶାସନର ଏଥିପ୍ରତି ନିଘା ଥିବା ଭଳି ମନେ ହେଉ ନାହିଁ । ଏହାର ସ୍ଥାୟୀ ସମାଧାନ ନ କଲେ ଆଗକୁ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ଜୁଡ଼ାଗଡିଆ ହେଉ କି ସରସତିଆ, ରମ୍ଭିଳା ହେଉ କି ରାହାଞ୍ଚ ସବୁ ଅଂଚଳର ପାଣି ରାଣୀତାଲ ଦେଇ କେନାଲ କୁ ଯାଉଛି ।



କେନ୍ଦୁଝର ସଦର ବ୍ଲକ ମଇଦାନକେଲରେ ପଚାଂୟତସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ

## କୋଠଭୁଇଁ ଅଚଂଳରେ ହାତୀ ଉପଦ୍ରବ : ଗ୍ରାମବାସୀ ଆତଙ୍କିତ
### ଚାଷୀମାନଙ୍କର ଜୀବନ ଜୀବିକା ବିପନ୍ନ :ବନ ବିଭାଗ ନୀରବ



ଅନୁଗୂଳ,୨୬/୬(ନି/ପ୍ର): ସାତକୋଶିଆ ଅଭୟାରଣ୍ୟର ବଫର ଏରିଆ କୋଠଭୁଇଁ ଅଚଂଳରେ ଦଳ ଦଳ ହାତୀ ବ୍ୟାପକ ଧନ ସମ୍ପତି ନଷ୍ଟ କରୁଥିବା ଉଦବେଗର କାରଣ ହୋଇଛି । ହାତୀ ଦଳରେ ପ୍ରାୟଃ ୫୫ ରୁ ଅଧିକ ହାତୀ ଥିବାର ଜଣା ଯାଇଅଛି । କୋଠଭୁଇଁ ଆଖପାଖ ଗାଁ ତେନ୍ତୁଳିପଥର, ଲଇମୁଣ୍ଡା, ଓଲାବେରୀ, ସଂକ୍ରିଡା, କମୁରୀ, ଲୋକାସିଂହା ଗ୍ରାମ ଆଖପାଖ ଜଙ୍ଗଲରେ ହାତୀଦଳ ରହି ଆମ୍ବ, ପଣସ ଓ ପନିପରିବା ଫସଲ ନଷ୍ଟ କରିବାର ଜଣା ଯାଇଅଛି । ହାତୀଦଳକୁ ଦେଖି ଗାଁ ଗାଁରେ ଟାଟି କବାଟ ପଡ଼ିବା ସହିତ ଅଚଂଳରେ ଆତଙ୍କ ସୃଷ୍ଟି ହୋଇଛି । ସ୍କୁଲ ଖୋଲିବା ପରେ ଛାତ୍ର ଛାତ୍ରୀ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ । ବନ ବିଭାଗ କର୍ମଚାରୀ ଓ ସ୍କ୍ୱାର୍ଡଦଳ ରାସ୍ତାରେ ଚାରିଚକିଆ ଯାନରେ ପଇଁତରା ମାରୁଥିବା ବେଳେ ହାତୀଦଳକୁ ଜଙ୍ଗଲକୁ ଘଉଡ଼ାଇବାରେ ବିଫଳ ହୋଇଛନ୍ତି । ଶହ ଶହ ସଂଖ୍ୟାରେ ଆମ୍ବ ପଣସ ଗଛ ହାତୀଦଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଏବଂ ବ୍ୟାପକ ପରିମାଣର ପନିପରିବା ଫସଲ ନଷ୍ଟ କରିଥିବା ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ସାତକୋଶିଆ ଅଭୟାରଣ୍ୟରେ ହାତୀମାନଙ୍କର ଖାଦ୍ୟ ଶାଳୀୟ ବାଉଁଶ ଓ ଅନ୍ୟାନ୍ୟ ଡାଳ ପତ୍ର ଫଳମୂଳ ଆଦୌ ନଥିବାରୁ ହାତୀଦଳ ଗାଁ ପାଖ ଆମ୍ବ ପଣସ ତୋଟା ଏବଂ ପନିପରିବା ଫସଲ କ୍ଷେତରେ ଆଡ୍ଡା ଜମାଇଛନ୍ତି । ଆମ୍ବ ପଣସ ଓ ପନିପରିବା ନଷ୍ଟ କରିବା ସହିତ ଗଛ ସବୁ ଉପାଡ଼ି ଦେଉଥିବା ଘଟଣାରେ ଚାଷୀକୂଳର ସର୍ବନାଶ ହେଉଥିବା ନେଇ କ୍ଷୋଭ ପ୍ରକାଶ ପାଉଛି । ଅନ୍ୟ ପକ୍ଷରେ ବିଭିନ୍ନ ସମୟରେ ଚାଷୀ କ୍ଷତିପୂରଣ ପାଇଁ ଅନଲାଇନରେ ଆବେଦନ କରିଥିଲେ ସୁଦ୍ଧା ଉପଯୁକ୍ତ କ୍ଷତିପୂରଣ ମିଳୁ ନଥିବା ନେଇ ଅସନ୍ତୋଷ ରହିଅଛି । ଗାଁ ଗାଁରେ ବନ ବିଭାଗ ପକ୍ଷରୁ ହାତୀ ସାଥୀ, ସ୍କ୍ୱାର୍ଡ, ଗଜବନ୍ଧୁ ନିୟୋଜନ କାଗଜପତ୍ରରେ ଚାଲିଅଛି । ଏ ସବୁ ଅସ୍ଥାୟୀ ନିଯୁକ୍ତି ଓ ନିୟୋଜନରେ ବ୍ୟାପକ ଜାଲିଆତି, ପ୍ରୀୟାପ୍ରିତିପୋଷଣ ଓ ବାଟମାରଣା ହେଉଛି । ସାତକୋଶିଆ ଅଭୟାରଣ୍ୟରେ ବାଘ ମାନଙ୍କ ଖାଦ୍ୟ ପାଇଁ ଚାରଣଭୂମି ଓ ଘାସ ଚାଷ ନେଇ ପ୍ରାକୃତିକ ଜଙ୍ଗଲ ନଷ୍ଟ କରାଯାଇଥିବାରୁ ହାତୀମାନେ ଅଭୟାରଣ୍ୟରେ ରହୁ ନଥିବା ଜଣା ଯାଇଅଛି । ଏପରିକି ଶହ ଶହ କିଲୋମିଟର ଟ୍ରେଞ୍ଚ ଖୋଳା, ସୋଲାର ତାରବାଡ଼ ଯୋଗୁଁ ହାତୀ ସାତକୋଶିଆରେ ରହୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗର କାର୍ଯ୍ୟଧାରାରେ ଗ୍ରାମବାସୀ ଅତିଷ୍ଠ ଥିବାବେଳେ ରାତ୍ରିରେ ବନ ବିଭାଗ ନିର୍ଦ୍ଦେଶରେ ବିଦ୍ୟୁତ୍ କାଟ ଘଟଣା ଅଚଂଳବାସୀଙ୍କୁ ମର୍ମାହତ କରିଅଛି । ଅଧିକାଂଶ ରାତ୍ରିରେ ବିଦ୍ୟୁତ୍ କାଟ ଯୋଗୁଁ ଚାଷୀଙ୍କର ଚାଷ ବାସ ଓ ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ସୃଷ୍ଟି ହୋଇଅଛି । ହାତୀମାନଙ୍କର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବନ ବିଭାଗ ବିଫଳ ହୋଇଥିବା ନେଇ ଅଚଂଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଚଂଳବାସୀଙ୍କର ଏକମାତ୍ର ଜୀବନଜୀବିକାର ଉତ୍ସ ହେଉଛି ଧାନଚାଷ ଏବଂ କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ସହିତ ଫଳବଗିଚା । ହାତୀ ଏବଂ ବନ୍ୟଜନ୍ତୁଙ୍କ ଦାଉରୁ ଚାଷୀଙ୍କର ଫସଲ ସୁରକ୍ଷା ଏକାନ୍ତ ଜରୁରୀ ଥିବା ବେଳେ ବନ ବିଭାଗର କୌଣସି ଠୋସ ପଦକ୍ଷେପ ନଥିବା ନେଇ ଚାଷୀ ଆତଙ୍କିତ । ଅନ୍ୟ ପକ୍ଷରେ କୋଠଭୁଇଁ ନିକଟତମ ପଚାଂୟତ ଟାଇଁସି ଓ ଅନ୍ତୁଳିଆରେ ମଧ୍ୟ ହାତୀ ଉପଦ୍ରବ ନେଇ ଚାଷୀଙ୍କର ବନ ବିଭାଗ ବିରୁଦ୍ଧରେ ମେଳି ହେଉଥିବା ଜଣା ଯାଇଅଛି । ଆଗାମୀ ଦିନରେ ହାତୀ ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଜୀବନ ହାନୀ ଓ ଧନ ସମ୍ପତି କ୍ଷୟକ୍ଷତିର ପ୍ରତିକାର ନେଇ ଏକ ଗଣ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଖୋଦ୍ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## କେନ୍ଦୁଝର : ପଲ୍ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ



କେନ୍ଦୁଝର,୨୬/୬(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ଚଳିତ ଜୁନ୍ ୨୮.୦୬.୨୦୨୬ ରୁ ୩୦.୦୬.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ କହିଥିଲେ ଯେ, ଆଗାମୀ ଜୁନ୍ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ଲାଇନ୍ ଡିପାର୍ଟମେଂଟର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ଦୁର୍ଗମ ଅଚଂଳରେ କିପରି ସମସ୍ତ ଶିଶୁ ପୋଲିଓ ବୁନ୍ଦା ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିବା ଜିଲ୍ଲାର ସମସ୍ତ ସୁପରଭାଇଜରମାନଙ୍କୁ ସଠିକ୍ ରୂପେ ତଦାରଖ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଦେଶକୁ ପୋଲିଓ ମୁକ୍ତ କରିବା ପାଇଁ ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧର୍ମେନ୍ଦ୍ର ସେଠୀ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସମଗ୍ର ଜିଲ୍ଲାରେ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏଥିପାଇଁ ସମଗ୍ର ଜିଲ୍ଲାରେ ୮୬୦ ଟି ପୋଲିଓ ବୁଥ୍ ଖୋଲାଯାଇଛି । ତା ୨୮.୦୬.୨୦୨୬ ରବିବାର ଦିନ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ଏ.ଏନ୍.ଏମ୍. ସେଂଟରମାନଙ୍କରେ ଟୀକାକରଣ ଚାଲୁ ରହିବ ଏବଂ ଯେଉଁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯଥେଷ୍ଟ ସୁବିଧା ନଥିବ ସେଠାରେ ସଂଲଗ୍ନ/ ନିକଟସ୍ଥ ବିଦ୍ୟାଳୟ ପ୍ରକୋଷ୍ଠ ବ୍ୟବହୃତ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ବିଭିନ୍ନ ଅନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସାମିଲ୍ କରି ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଡିପିଏଚଓ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଏଡିପିଏଚ୍ଓ (ଟିବି) ଡାକ୍ତର ନିଲମ ମହାନ୍ତି, ଏଡିପିଏଚ୍ଓ (ଡିସି) ଡାକ୍ତର ବସନ୍ତ କୁମାର ପାତ୍ର, ଏଡିପିଏଚ୍ଓ (ଭିବିଡି) ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ବାସନ୍ତି ମହାନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଜିଲ୍ଲା ପଚାଂୟତ କାର୍ଯ୍ୟାଳୟର ଇ.ଓ. ମାଧବ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋର୍ତିମୟୀ ନାଏକ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ । ଡିଭିଏଲଏମ୍ ଗୋବିନ୍ଦ ଚନ୍ଦ୍ର ମିଶ୍ର ପାୱାରପଏଂଟ୍ ପ୍ରେଜେଟେଂସନ୍ ମାଧ୍ୟମରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚସିଓ ଭରତ କୁମାର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ପ୍ରମୋଦ କୁମାର ପଟ୍ଟନାୟକ, ପି.ଏଚ୍. କନ୍ସଲଟାଂଟ୍ ଡାକ୍ତର ହିମାଂଶୁ ଶେଖର ସାହୁ, ଡି.ଏମ୍.ଆର.ସି.ଏଚ. ବିଶ୍ୱରଞ୍ଜନ ରାଉତ, ଏ.ପି.ଏମ୍. ହେନାନୀ ଆନନ୍ଦ, ଏ.ଏମ୍. ଏଲ୍ଏଆଇଏସ୍ ସୂର୍ଯ୍ୟ ପ୍ରକାଶ ପଣ୍ଡା ଏବଂ ଆଇ.ସି.ଏ. ଚିତରଞ୍ଜନ ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

## ଡୁଙ୍ଗୁରିପାଲି ବ୍ଲକ କପାସିରା ଗ୍ରାମର ଲାଇନମ୍ୟାନ
### ହେମନ୍ତ ସେଠ ବିଦ୍ୟୁତ ଆଘାତରେ ମୃତ୍ୟୁ

ସୁବର୍ଣ୍ଣପୁର, ୨୬/୬(ନି/ପ୍ର): କପାସିରା ଗ୍ରାମର ଲାଇନମ୍ୟାନସ ହେମନ୍ତ ସେଠ (୩୦) ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ଜଣାଯାଏ । ପ୍ରାପ୍ତ ସୂଚନା ଅନୁସାରେ ଆଜି ସକାଳ ପ୍ରାୟସ ୯ଟା ପାଖାପାଖ କପାସିରା ମନ୍ଦିର ପାଖରେ ଏକ ବିଦ୍ୟୁତ ଖୁଂଟରେ ଚଢି ମରାମତି କରୁଥିଲେ । ହଠାତ ବିଦ୍ୟୁତ ଆଘାତରେ ସେ ଝଟ୍କା ଖାଇ ତଳେ ପଡି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଗ୍ରାମର ଯୁବକ ତଥା ପରିବାର ଲୋକେ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଡୁଙ୍ଗୁରିପାଲି ଥାନାଧୁକାରୀ ରୋଜାଲିନ ପଟେଲ ପହଂଚ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରଜୁ କରି ବିନିକା ଶବ ବ୍ୟବଛେଦ ପାଇଁ ପଠାଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ କପାସିରା ଗ୍ରାମର ବହୁ ଯୁବକ, ଗ୍ରାମବାସୀ, ପରିବାର ବର୍ଗ ଡାକ୍ତରଖାନାରେ ପହଂଚି ଥିଲେ । ସେଠାରେ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ମୃତ ଯୁବକ ଦୀର୍ଘ ୬ବର୍ଷ ହେବ ଟାଟାପାୱାର ବିଦ୍ୟୁତ ବିଭାଗରେ କାଯ୍ୟ କରି ଆସୁଥିଲେ । ଦୁଇ ବର୍ଷ ତଳେ ବିବାହ କରିଥିବା ବେଳେ ୫ମାସର ଏକ କନ୍ୟା ସନ୍ତାନ ରହିଛି । ଦୁଇମାସ ତଳେ ତାଙ୍କ ପିତାଙ୍କ ଏକ ଦୂର୍ଘଟଣାରେ ଗୋଡ ଭାଙ୍ଗି ଯାଇଛି । ପରିବାରର ରୋଜଗାରିଆ ପୁଅକୁ ହରାଇ ବାପା ମାଁ’, ସ୍ତ୍ରୀ ସମସ୍ତେ ଭାଙ୍ଗି ପଡିଛନ୍ତି । ପରିବାରକୁ ସହାୟତା ଦାବୀ କରିଥିଲେ । ପରିବାର ଏବଂ ଗ୍ରାମବାସୀ । ଥାନା ପରିସରରେ ନିର୍ବାହୀ ଯନ୍ତ୍ରୀ ଉଦୟ ଶଙ୍କର ପାଟ୍ଟଯୋଶୀ, ଏକ୍ସୁକିଟିଭ ଯନ୍ତ୍ରୀ ଅଶୋକ କୁମାର ମିଶ୍ର, ଚେରୁପାଲି ଗ୍ରୀଡ ଯନ୍ତ୍ରୀ ସଙ୍କେତ ଦାଶ, ଜିଲ୍ଲା ରଜକ ସମାଜର ପୂର୍ବ ଜିଲ୍ଲା ସଭାପତି ତଥା ସ୍ଥାନୀୟ ‘ସମାଜ’ର ପ୍ରତିନିଧ ରତ୍ନାକର ସେଠ, ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ମହାଦେବ ପଧାନ, ରୋହିତ ସେଠ, ଫଣି ଭୂଷଣ ପଧାନ, ଦେବରାଜ ଜେନା, ପ୍ରଦୀପ ସା, ଜିତେନ ପଧାନ, ନକୁଳ ସ୍ୱାଇଁ, ଜଗନ୍ନାଥ ବାରିକ,ସରୋଜ ସା ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ଶେଷରେ ଯନ୍ତ୍ରୀ ଅଶୋକ କୁମାର ମିଶ୍ର ମୃତ ହେମନ୍ତ ସେଠଙ୍କ ସ୍ତ୍ରୀଙ୍କୁ ବିଦୁତ ବିଭାଗରେ ଚାକିରୀ, ଏବଂ ୨୪ ଘଟାଂ ମଧ୍ୟରେ ୧ଲକ୍ଷ ଓ ଦଶାହ କାଯ୍ୟ ମଧ୍ୟରେ ୨ଲକ୍ଷ ଟଙ୍କା ଏବଂ ପରବର୍ତ୍ତୀ ସମୟରେ ବିଭାଗର ଗାଇଡ ଲାଇନ ଅନୁସାରେ ୧୫ ଲକ୍ଷଟଙ୍କା ପ୍ରଦାନ କରାଯିବାକୁ ଲିଖିତ ପ୍ରତିଶୃତି ଦେବା ପରେ ଶବ ବ୍ୟବଛେଦ ପାଇଁ ପରିବାର ବର୍ଗ ରାଜି ହୋଇଥିଲେ । ଦୁଇ ବର୍ଷ ତଳେ ବିବାହ କରିଥିବା ବେଳେ ୫ମାସର ଏକ କନ୍ୟା ସନ୍ତାନ ରହିଛି ।

ଉତ୍କଳ ସମାଚାର

## ସମ୍ପାଦକୀୟ...

### ଶନିବାର ୨୭ ଜୁନ୍ ୨୦୨୬

## ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ



ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ । ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ବୃଦ୍ଧିମତା ଏପରି ପ୍ରକୃତିଦନ୍ତ ଲକ୍ଷଣ । ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ । କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ । ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ । ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଜାଣିବା ଜରୁରୀ । ବୌଦ୍ଧିକ ଚେତନା ପିଲାମାନଙ୍କୁ ଯେତିକି ବିକଶିତ କରିଥାଏ ସେତିକି ଜୀବନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ । ବୁଦ୍ଧିର ବିକାଶ ପାଇଁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ । ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ । ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ । ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ । କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ । ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ । ସବୁ କାଠକୁ ଠିକ ସମୟ ଭିତରେ ପୁରା କରନ୍ତି । ବୁଦ୍ଧିମାନ ପିଲାଙ୍କର ଏହା ଏକ ଉନ୍ନମ ଲକ୍ଷଣ । ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର । ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭି କାମ କରିବା ପାଇଁ ବି ସୁଯୋଗ ପାଇପାରିବେ । ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ । କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ । ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ । ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି । ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ । ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି । ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ । ବିଶେଷକରି ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ । ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ । ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ । ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ । ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା । ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ । ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକିକାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ । ଆଉ ଯୋଜନା ଅନୁସାରେ କାମ ପୁରା କରିବା ନିମନ୍ତେ ପରିଶ୍ରମ କରନ୍ତୁ । ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିରକରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ । ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ । ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତିତାହା ଲେଖି ରଖନ୍ତୁ । ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ । ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ । କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ । ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ । ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ । ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ । ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ । ଚେସ କିମ୍ବା ବିଭିନ୍ନ ପ୍ରକାର ଫଜଲ ଗେମ ଖେଳନ୍ତୁ । ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ । ଯୋଗ, ଧ୍ୟାନ ଓ ବ୍ୟାୟାମ କରନ୍ତୁ । ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଣ୍ଟା ଶୁଅନ୍ତୁ । ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି । ଏହାକୁ ଏକ ହଲକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ । ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ । ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧ୍ୟାତ୍ମିକତାର ଶିକ୍ଷା ଦିଅନ୍ତୁ । ପିଲାଟି ଖୁବ କମ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ । ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର । ଜୀବନ ହିଁ ଧର୍ମ, ସ୍ୱାର୍ଥ ତ୍ୟାଗ ହିଁ ଜୀବନ । ସତ୍ୟ, ନ୍ୟାୟ, ପ୍ରେମ, ପବିତ୍ରତା, ପୂଣ୍ୟ ଓ ସଦାଚାରରେ ବ୍ରତୀ ହୋଇ ପ୍ରାର୍ଥନା ଓ ଧ୍ୟାନକୁ ଧର୍ମର ଦୁଇଟି ପ୍ରଧାନ ସ୍ତମ୍ଭ ଭାବେ ପିଲାଟି ଜୀବନରେ ଶିକ୍ଷା ଲାଭ କରୁ । ଜୀବନର ବୌଦ୍ଧିକ ବିକାଶ କ୍ଷେତ୍ରରେ ପ୍ରତିଟି ଆନନ୍ଦମୟ ଶିକ୍ଷା କେବଳ ନିଜ, ଘର ପରିବାର ପାଇଁ ବନ୍ଧୁବର୍ଗଙ୍କ ପାଇଁ ଠାରୁ ସବୁଠାରୁ ବଡ଼ । ଏ ମହାନ ସମାଜ ପ୍ରତି ତାର ଦାୟିତ୍ୱବୋଧ । ଶାଶ୍ୱତ, ଆନନ୍ଦମୟ ଜୀବନ ଭିତରେ ବୌଦ୍ଧିକ ଚେତନା ନିଖୁଣ ହେଲେ ପିଲାଟିର ଜୀବନ ପୂର୍ଣ୍ଣାଙ୍ଗ ହେବ ।

## ମହାବିପତି : ବିଳମ୍ବ ପ୍ରବୃତି

ଗ୍ରୀଷ୍ମର ସୁନେଲି ସକାଳଟିଏ । କ୍ଷେତରେ ପାଚିଲା ଶସ୍ୟସବୁ ଲହଲହ ହୋଇ ହସୁଛନ୍ତି । ପିମ୍ପୁଡ଼ିମାନେ ବର୍ଷାଦିନ ପାଇଁ ଖାଦ୍ୟ ସଂଗ୍ରହ ଓ ସଂଚୟରେ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ସେହି ସମୟରେ ଏକ ଝିଂଟିକା ଖରାରେ ବସି ଆମୋଦ କରୁଛି । ପିମ୍ପୁଡ଼ି ଦଳକୁ ସେ କହିଲା, "ତୁମେମାନେ ଏତେ କଠିନ ପରିଶ୍ରମ କାହିଁକି କରୁଛ ? ଏହି ଦିନର ଆନନ୍ଦ ନିଅ । ଏବେ ବହୁତ ସମୟ ଅଛି !" ପିମ୍ପୁଡ଼ି ଦଳପତି ଉନ୍ନର ଦେଲା, "ଆଜିର ପରିଶ୍ରମ ବର୍ଷାଦିନରେ ସୁରକ୍ଷା ଦେବ ।" ଝିଂଟିକା ତା' ନାଚଗୀତ ଜାରି ରଖିଲା । କିନ୍ତୁ ଯେତେବେଳେ ଖେତ ସବୁ ଖାଲି ହୋଇଯାଇ ଅଜସ୍ର ବର୍ଷା ହେଲା, ସେତେବେଳେ ଭୋକିଲା ଓ ଅସହାୟ ଝିଂଟିକାଟି ଅନୁତାପ କରି ମନେମନେ କହିଲା, "ମୁଁ ଭାବିଥିଲି ଯେ ମୋ ପାଖରେ ବହୁତ ସମୟ ଅଛି !" ଏହି କାହାଣୀ, ବିଳମ୍ବ କରିବା ପ୍ରବୃତି ବା 'ପ୍ରୋକ୍ରାଷ୍ଟିନେସନ'ର ପ୍ରକୃତ ସ୍ୱରୂପକୁ ଦର୍ଶାଏ । ଅଧିକାଂଶ ସମୟରେ, ଆମେ ଗୋଟିଏ କାର୍ଯ୍ୟକୁ ସ୍ଥଗିତ ରଖିବା ସହିତ ନିଜର ବିକାଶ, ସୁଯୋଗ ଓ ସମ୍ଭାବନାକୁ ମଧ୍ୟ ପଛକୁ ଠେଲିଦେଉ । ବିଳମ୍ବ କରିବା ପ୍ରବୃତି ମାନବ ସମାଜର ଏକ ପ୍ରାଚୀନ ସଂଘର୍ଷ । ଗ୍ରିକ୍ ଦାର୍ଶନିକ ସକ୍ରେଟିସ୍ ଓ ଆରିଷ୍ଟୋଟଲ୍ ଏହାକୁ 'ଆକ୍ରାସିଆ' ଭାବେ ବ୍ୟାଖ୍ୟା କରିଛନ୍ତି, ଯାହାର ଅର୍ଥ ଆତ୍ମ-ନିୟନ୍ତ୍ରଣର ଅଭାବ ଯୋଗୁଁ ନିଜର ବିବେକ ବା ଠିକ୍ ନିଷ୍ପତ୍ତି ବିରୁଦ୍ଧରେ ଯାଇ କାର୍ଯ୍ୟ କରିବା । ଆଧୁନିକ ମନୋବିଜ୍ଞାନ ଏହାକୁ ପରିଣାମ ଜାଣି ସୁଦ୍ଧା ଗୋଟିଏ କାର୍ଯ୍ୟକୁ ସ୍ୱେଚ୍ଛାକୃତ ଭାବେ ବିଳମ୍ବ କରିବାର ମାନସିକତା ଭାବେ ବର୍ଣ୍ଣନା କରିଛି । ସାଧାରଣ ଧାରଣାର ବିପରୀତ, ବିଳମ୍ବ କରିବା ପ୍ରବୃତି କେବଳ ଆଳସ୍ୟ ନୁହେଁ । ମନୋବିଜ୍ଞାନୀମାନେ ଏହାକୁ ସମୟ ପରିଚାଳନାର ସମସ୍ୟା ନଭାବି, ଆବେଗିକ ନିୟନ୍ତ୍ରଣର ବିଫଳତା ଭାବେ ଦେଖନ୍ତି । ତାମାର ଗେଣ୍ଡଲର୍ ଓ ଜନ୍ ଏଫ୍. ଡୋଭିଡିଓଙ୍କ ଭଳି ଦାର୍ଶନିକ ଓ ମନୋବିଜ୍ଞାନୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଦୀର୍ଘକାଳୀନ ଆକାଂକ୍ଷା ଓ ତତ୍କାଳ ଇଚ୍ଛା ମଧ୍ୟରେ ସଂଘର୍ଷ ଯୋଗୁଁ ହିଁ ଏହି ପ୍ରବୃତି ସୃଷ୍ଟି ହୁଏ । ମାନବ ମସ୍ତିଷ୍କ ଭବିଷ୍ୟତର ଲାଭ ଅପେକ୍ଷା ବର୍ତ୍ତମାନର ତତ୍କାଳ ପୁରସ୍କାରକୁ ଅଧିକ ଗୁରୁତ୍ୱ ଦିଏ । ତେଣ ବିଳମ୍ବର ଚରମ ଅବସ୍ଥା ବ୍ୟକ୍ତିକୁ 'କାର୍ଯ୍ୟ-ଅକ୍ଷମ' କରିଦିଏ । ଏଥିରେ ମସ୍ତିଷ୍କର କାର୍ଯ୍ୟ କରିବା ପ୍ରଣାଳୀ ସ୍ଥଗିତ ହୋଇଯାଏ, ଫଳରେ ମନ ଏକ ଗଭୀର ଜଡ଼ତାରେ ବାନ୍ଧି ହୋଇଯାଏ । ଇଚ୍ଛା ଥାଇ ବି ଦେହ ଅଚଳ ହେଇଯାଏ । ମାର୍ସାଲ ଗ୍ରୁଚିଙ୍କ ଏହି କାର୍ଯ୍ୟ-ଅକ୍ଷମତା ୱାଟରଲୁ ଯୁଦ୍ଧରେ ନେପୋଲିଅନଙ୍କ ବିପର୍ଯ୍ୟୟର କାରଣ ସାଜିଥିଲା । ବିଫଳତାର ଭୟ ଯୋଗୁଁ ଗ୍ରୁଚି ତତ୍କାଳ ନିଷ୍ପତି ନେବାରେ ବିଳମ୍ବ କରିଥିଲେ । ଲେଖକ ଟିମ୍ ଅର୍ବାନ୍ ଏହି ସଂଘର୍ଷକୁ 'ଇନଷ୍ଟାଂଟ ଗ୍ରାଟିଫିକେସନ୍ ମଙ୍କି' ବା ତତ୍କାଳ ସନ୍ତୋଷ ଖୋଜୁଥିବା ମାଙ୍କଡ଼ର ରୂପକ ମାଧ୍ୟମରେ ବୁଝାଇଛନ୍ତି । ସେ ମାଙ୍କଡ଼ ଆମକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୁ ଦୂରେଇ ରଖେ, ଯେପର୍ଯ୍ୟନ୍ତ ଏକ ଆସନ୍ନ ସମୟସୀମା ଆମ ଭିତରର ଭୟର ରାକ୍ଷସକୁ ଜାଗ୍ରତ ନ କରିଛି । ଶିକ୍ଷାଗତ କିମ୍ବା ବୃତିଗତ ଜୀବନରେ ଡେଡ୍‌ଲାଇନ୍ ଆମକୁ ରକ୍ଷା କରିଦିଏ ସତ, କିନ୍ତୁ ପ୍ରକୃତ ବିପଦ ସେହି ସ୍ଥାନରେ ଥାଏ ଯେଉଁଠାରେ କୌଣସି ସମୟସୀମା ନଥାଏ, ଯେମିତିକି ସ୍ୱାସ୍ଥ୍ୟ, ସମ୍ପର୍କ, ବ୍ୟକ୍ତିଗତ ବିକାଶ ଓ ଜୀବନର ସ୍ୱପ୍ନ । ଏହି ପରିସ୍ଥିତିରେ ସୁଯୋଗଗୁଡ଼ିକ ଆମ ଅଜାଣତରେ ହାତରୁ ଖସିଯାଏ । ଏହି ସମସ୍ୟା ସାର୍ବଜନୀନ । ଗବେଷଣାରୁ ଜଣାପଡ଼ିଛି ଯେ ପ୍ରାୟ ଏକ-ଚତୁର୍ଥାଂଶ ବୟସ୍କ ବ୍ୟକ୍ତି ନିୟମିତ ଭାବେ ବିଳମ୍ବ କରିଥାନ୍ତି ଏବଂ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହି ସଂଖ୍ୟା ପ୍ରାୟ ଅଧା । ମାନବ ସଭ୍ୟତା ବହୁ ପୂର୍ବରୁ କାର୍ଯ୍ୟରେ ବିଳମ୍ବ ନକରିବା ପାଇଁ ସତର୍କ କରାଇଛି । ମହାଭାରତ ଆମକୁ ସତର୍କ କରାଇଛି, ବିଳମ୍ବ କରିବାର ପ୍ରବୃତି ମୃତ୍ୟୁ ସମାନ । ଚାଣକ୍ୟ ମଧ୍ୟ ସତର୍କ କରାଇ କହିଛନ୍ତି, "ଆଳସ୍ୟଂ ହି ମନୁଷ୍ୟାଣାଂ ଶରୀରସ୍ଥୋ ମହାନ ରିପୁଃ"- ଅର୍ଥାତ୍ ଆଳସ୍ୟ ହେଉଛି ମନୁଷ୍ୟ ଶରୀରର ସବୁଠାରୁ ବଡ଼ ଶତ୍ରୁ । ସନ୍ଥକବି କବୀର ଏହି ଜ୍ଞାନକୁ ଅତି ସରଳ ଭାବରେ ପ୍ରକାଶ କରିଛନ୍ତି : "କଲ୍ କରେ ସୋ ଆଜ୍ କର. ଆଜ୍ କରେ ସୋ ଅବ୍; ପଲ୍ ମେଁ ପ୍ରଳୟ ହୋଏଗୀ, ବହୁରି କରେଗା କବ", ଯାହା ଆସନ୍ତାକାଲି କରିବାର ଅଛି ତାହା ଆଜି କର, ଯାହା ଆଜି କରିବାର ଅଛି ତାହା ଏବେ କର । ନଚେତ, ବିଳମ୍ବ ପ୍ରବୃତିର ପରିଣାମ ଭୟଙ୍କର । ଯେତେବେଳେ 'ଟାଇଟାନିକ୍' ଜାହାଜ ବରଫ ପାହାଡ଼ ସହ ପିଟି ହୋଇ ବୁଡ଼ିଯାଉଥିଲା, ସେତେବେଳେ ମାତ୍ର ୧୯ କିଲୋମିଟର ଦୂରରେ ଠିଆ ହୋଇଥିବା 'ଏସ୍.ଏସ୍. କାଲିଫର୍ଣିଆନ୍' ଜାହାଜର କ୍ୟାପଟେନ୍ ଷ୍ଟାନଲି ଲର୍ଡ ଟାଇଟାନିକ୍‌ର ଜରୁରିକାଳୀନ ସଙ୍କେତକୁ ଅଣଦେଖା କରିଥିଲେ । ସେ ତତ୍କାଳ ପଦକ୍ଷେପ ପରିବର୍ତ୍ତେ, ସକାଳ ପର୍ଯ୍ୟନ୍ତ ଶୋଇବାକୁ ସ୍ଥିର କରିଥିଲେ । ଏହି କାଳକ୍ଷେପଣ ନିଷ୍ପତ୍ତି ଯୋଗୁଁ ୧୫୦୦ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା । ସୌଭାଗ୍ୟବଶତଃ, ଏହି ପ୍ରବୃତ୍ତିକୁ ଦୂର କରାଯାଇପାରିବ । ବଡ଼ ବଡ଼ କାର୍ଯ୍ୟଗୁଡ଼ିକୁ ଛୋଟ ଛୋଟ ଅଂଶରେ ଭାଙ୍ଗିବା, ସ୍ପଷ୍ଟ ସମୟସୀମା ନିର୍ଦ୍ଧାରଣ କରିବା, ମନକୁ ଆନ୍ଦୋଳିତ କରୁଥିବା ପରିବେଶରୁ ଦୂରେଇ ରହିବା ଏବଂ ପୂର୍ଣ୍ଣତା ଅପେକ୍ଷା ପ୍ରଗତି ଉପରେ ଧ୍ୟାନ ଦେବା ଦ୍ୱାରା ପ୍ରତ୍ୟେକ ଲକ୍ଷ୍ୟକୁ ହାସଲ କରାଯାଇପାରିବ । ବେଞ୍ଜାମିନ ଫ୍ରାଙ୍କଲିନ କହିଛନ୍ତି, "ତୁମେ ବିଳମ୍ବ କରିପାର, କିନ୍ତୁ ସମୟ ଅଟକିବ ନାହିଁ ।" ପ୍ରକୃତରେ, କେବଳ ସ୍ୱପ୍ନରେ ସଫଳତା ମିଳେ ନାହିଁ, ସେଥିପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ପଡ଼ିଥାଏ ।

## ପ୍ରବାସୀ ପକ୍ଷୀ ଓ ଏକ ଚେତନାର ସ୍ଫୁରଣ

ଗଲା ଶତାବ୍ଦୀର ପଂଚମ ଓ ଷଷ୍ଠ ଦଶକରେ ବିଶ୍ୱ ଏକ ଦ୍ରୁତ ପରିବର୍ତ୍ତନର ଯୁଗ ମଧ୍ୟରେ ଥିଲା, ଯେଉଁ ସମୟରେ ଶିଳ୍ପାୟନ, ଆଧୁନିକତା ଓ ଉନ୍ନତିର ଧାରା ସମାଜକୁ ପ୍ରଭାବିତ କରୁଥିଲା, ଏବଂ ପ୍ରକୃତିକୁ ମାନବ ଉନ୍ନତି ପଥରେ ଏକ ସାଧନ ମାତ୍ର ଭାବେ ଦେଖାଯାଉଥିଲା । ସେହି ସମୟରେ ଏକ ନୂତନ ପରିବେଶ ସଚେତନତା ମଧ୍ୟ ଜନ୍ମ ନେଉଥିଲା; ବୈଜ୍ଞାନିକ ଅନୁସନ୍ଧାନ, ପ୍ରକୃତି ପ୍ରତି ଆଗ୍ରହ ଓ ପ୍ରଥମ ପରିବେଶ ଆନ୍ଦୋଳନ ଇତ୍ୟାଦି ଦୃଶ୍ୟମାନ ହୋଇଥିଲା, ଯେମିତି ପ୍ରକୃତି ସୁରକ୍ଷା ପାଇଁ ସ୍ଥାନୀୟ ଅଭିଯାନ, ପକ୍ଷୀ ସୁରକ୍ଷା ଗୋଷ୍ଠୀମାନଙ୍କର ଗଠନ ଓ ପରିବେଶ ନୀତି ପାଇଁ ବିଭିନ୍ନ ପ୍ରାରମ୍ଭିକ ଅନ୍ତର୍ଜାତୀୟ ପଦକ୍ଷେପ ଇତ୍ୟାଦି । ୧୯୪୮ରେ 'ଆଇ.ୟୁ.ସି.ଏନ.' (ଇଂଟରନେସନାଲ ୟୁନିଅନ ଅଫ କନ୍‌ଜରଭେସନ ଅଫ ନେଚର), ୧୯୬୧ରେ 'ଡବ୍ଲ୍ୟୁ.ଡବ୍ଲ୍ୟୁ,ଏଫ.' (ୱାର୍ଲଡ ୱାଇଲ୍‌ଡଲାଇଫ ଫଣ୍ଡ) ଆଦି ରୂପ ନେଇଥିଲା ଏବଂ ବିଭିନ୍ନ ଦେଶ ମଧ୍ୟରେ ପ୍ରକୃତି ସୁରକ୍ଷା ନେଇ ନୀତିଗତ ଆଲୋଚନା ଇତ୍ୟାଦି ଆରମ୍ଭ ହୋଇଥିଲା । ଏ ସବୁ ଥିଲା ଏହି ନୂତନ ଚେତନାର ପ୍ରଥମ ସୋପାନ । ଏହି ସମୟରେ ଲକ୍ଷ୍ୟ କରାଯାଇଥିଲା ଯେ ପ୍ରବାସୀ ଜଳ ପକ୍ଷୀଙ୍କ ସଂଖ୍ୟା କମିଯାଉଛି; ଯାହାର ପ୍ରଧାନ କାରଣ ଥିଲା ଆର୍ଦ୍ରଭୂମିମାନ ଅବଲୁପ୍ତ ହୋଇଯିବା । ଶିଳ୍ପାୟନ ଓ ସହରୀକରଣ ପାଇଁ ସେଗୁଡ଼ିକୁ ଶୁଖାଇ ଦିଆଯାଉଥିଲା । ସେତେବେଳେ ଅନେକ ସ୍ଥାନରେ ଜଳାଶୟ ଓ ଆର୍ଦ୍ରଭୂମିକୁ ଅପଯୋଗୀ ଭୂମି ଭାବେ ଗଣାଯାଉଥିଲା । କିନ୍ତୁ କ୍ରମେ ଏକ ବିସ୍ତୃତ ଓ ବିଜ୍ଞାନ ଆଧାରିତ ସହମତି ଗଢ଼ିଉଠି ଗବେଷଣା, ପର୍ଯ୍ୟବେକ୍ଷଣ ଓ ଦୀର୍ଘକାଳୀନ ପରିବେଶୀୟ ଅଧ୍ୟୟନ ମାଧ୍ୟମରେ ଆର୍ଦ୍ରଭୂମିମାନଙ୍କର ଜୀବମଣ୍ଡଳୀୟ ଭୂମିକାକୁ ସ୍ପଷ୍ଟ କରାଗଲା । ଆର୍ଦ୍ରଭୂମିଗୁଡ଼ିକ ଯେ କେବଳ ପକ୍ଷୀଙ୍କ ଆଶ୍ରୟସ୍ଥଳୀ ନୁହନ୍ତି; ଏଗୁଡ଼ିକ ମଧ୍ୟ ବ୍ୟାପକ ଓ ଅତ୍ୟାବଶ୍ୟକ ପରିବେଶୀୟ ସେବା ଯୋଗାନ୍ତି, ବନ୍ୟା ନିୟନ୍ତ୍ରଣ କରନ୍ତି, ଜଳ ସଂରକ୍ଷଣ ଓ ଶୁଦ୍ଧୀକରଣରେ ଭୂମିକା ନିର୍ବାହ କରନ୍ତି, ମତ୍ସ୍ୟ ସମ୍ପଦ ଓ ଜୈବ ବିବିଧତାର ସ୍ଥାୟୀ ପରିପୋଷଣ କରନ୍ତି, ଏବଂ ପରିବେଶ ସନ୍ତୁଳନରେ ସହାୟକ ହୁଅନ୍ତି, ଏହା ହୃଦ୍‌ବୋଧ ହେବାରେ ଲାଗିଥିଲା । ସେମିତି ମାନବ ସମୁଦାୟର ଜୀବିକା, ପରମ୍ପରା, ଧାର୍ମିକ ଆଚାର ଓ ସ୍ଥାନୀୟ ପରିଚୟ ଆଦିରେ ଆର୍ଦ୍ରଭୂମିଗୁଡ଼ିକର ମହତ୍ୱ ଶ୍ରେୟ ପାଇଲା । ଏହି ବେଳାରେ ସମସ୍ତେ ବୁଝିଲେ ଯେ ପ୍ରବାସୀ ପକ୍ଷୀମାନେ ମାନଚିତ୍ରରେ ଅଙ୍କିତ ରାଷ୍ଟ୍ରଗୁଡ଼ିକର ଭୌଗୋଳିକ ସୀମାରେଖା ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି ନାହିଁ; ସେମାନେ ଋତୁ ପରିବର୍ତ୍ତନ, ଖାଦ୍ୟ ଉପଲବ୍ଧତା ଓ ପ୍ରଜନନ ଆବଶ୍ୟକତା ଅନୁସାରେ ଏକ ଦେଶରୁ ଅନ୍ୟ ଦେଶକୁ ସ୍ୱାଭାବିକ ଭାବେ ଗମନ କରନ୍ତି; ଯାହା ଫଳରେ ସେମାନଙ୍କର ଜୀବନ ଚକ୍ର ଅନେକ ଭୂ-ଭାଗ ସହିତ ଜଡ଼ିତ ରହେ । ଏହି ପକ୍ଷୀମାନେ ଜଳାଶୟ ପରିବେଶ ପ୍ରଣାଳୀରେ ଖାଦ୍ୟ ଶୃଙ୍ଖଳାକୁ ସନ୍ତୁଳନରେ ରଖନ୍ତି, ବୀଜ ବିସ୍ତାର କରନ୍ତି ଓ ପୋଷକ ତତ୍ୱର ପୁନର୍ଚକ୍ରଣରେ ଭୂମିକା ନିର୍ବାହ କରନ୍ତି । ଯଦି କୌଣସି ଆର୍ଦ୍ରଭୂମିକୁ ସେମାନଙ୍କର ଆଗମନ ଅବରୋଧିତ ହୁଏ କିମ୍ବା ହ୍ରାସ ପାଏ, ତେବେ ସେହି ପରିବେଶ ପ୍ରଣାଳୀର ସନ୍ତୁଳନ ଭଙ୍ଗ ହୋଇ ପରିଣାମ ସ୍ୱରୂପ କୀଟପତଙ୍ଗର ଅତ୍ୟଧିକ ବୃଦ୍ଧି, ଜଳଗୁଣର ଅବନତି ଓ ଜୈବ ବିବିଧତାର କ୍ଷୟ ଆଦି ଦେଖାଯାଇପାରେ । ଗୋଟିଏ ଦେଶର ଆର୍ଦ୍ରଭୂମି ଧ୍ୱଂସ ହେଲେ ତାହାର ପ୍ରଭାବ ଅନ୍ୟ ଦେଶରେ ମଧ୍ୟ ପଡ଼େ । ଏହି କାରଣରୁ ଏକ ବିଶ୍ୱସ୍ତରୀୟ ସହଯୋଗ ଆବଶ୍ୟକ ବୋଲି ଷଷ୍ଠ ଦଶକରେ ହୃଦ୍‌ବୋଧ ହୋଇଥିଲା ଏବଂ ବିଭିନ୍ନ ପରିବେଶ ସଂଗଠନ ଓ ବୈଜ୍ଞାନିକ ମଂଚ ଏହି ବିଷୟରେ ଚର୍ଚ୍ଚା ଆରମ୍ଭ କଲେ । ଏହାର ପରିଣତି ସ୍ୱରୂପ ୧୯୭୧ ମସିହାରେ ଇରାନର ରାମସାର ସମ୍ମେଳନ ଓ ଚୁକ୍ତି ଅନୁମୋଦନ ଲାଭ କଲା । କାସ୍ପିଆନ୍ ସାଗର କୂଳସ୍ଥିତ ମନୋରମ ଅଲ୍ ?ବୋର୍ଜ ପର୍ବତମାଳା ଓ ସବୁଜ ଜଙ୍ଗଲ ଘେରା, ପର୍ଯ୍ୟଟନ ଓ ସାଂସ୍କୃତିକ ଐତିହ୍ୟର ପ୍ରସିଦ୍ଧ ଇରାନୀୟ ସହର ରାମସାରରେ ସ୍ୱାକ୍ଷରିତ 'ରାମସାର ଚୁକ୍ତି'କୁ ଆଧୁନିକ ପରିବେଶ ପରିଚାଳନାର ଏକ ଐତିହାସିକ ମୋଡ଼ ଭାବେ ଦେଖାଯାଏ । ବିଶ୍ୱରେ ଆର୍ଦ୍ରଭୂମି ସୁରକ୍ଷା ପାଇଁ ଏହା ଥିଲା ପ୍ରଥମ ବଡ଼ ଅନ୍ତର୍ଜାତୀୟ ପଦକ୍ଷେପ । ଏହି ଚୁକ୍ତି ପଛରେ ଥିଲା ବୈଜ୍ଞାନିକ ଚିନ୍ତା, ଅନ୍ତର୍ଜାତୀୟ ସହଯୋଗ ଓ ଇରାନର ଭୂ-ରାଜନୈତିକ ଆକାଂକ୍ଷାର ଏକ ସମନ୍ୱୟ । ଆରମ୍ଭରେ ଏହି ଚୁକ୍ତିର ମୁଖ୍ୟ ଲକ୍ଷ୍ୟ ଥିଲା ଜଳ ପକ୍ଷୀଙ୍କ ଆବାସସ୍ଥଳ ସୁରକ୍ଷା । କିନ୍ତୁ ସ୍ପଷ୍ଟ ହୋଇଥିଲା ଯେ ପକ୍ଷୀଙ୍କୁ ବଚାଂଇବା ପାଇଁ ସମଗ୍ର ଜଳାଶୟ ପ୍ରଣାଳୀକୁ ସୁରକ୍ଷା ଦିଆଯିବା ଆବଶ୍ୟକ । ଅଷ୍ଟମ ଦଶକରେ, ବିଶେଷତଃ ୧୯୮୭ ପରେ, "ବିବେଚନାପୂର୍ଣ୍ଣ ବ୍ୟବହାର" ଭଳି ଏକ ପ୍ରଶସ୍ତ ପରିବେଶୀୟ ଦୃଷ୍ଟିକୋଣ ଗୁରୁତ୍ୱ ପାଇଲା । ଏହି ଅଭିବ୍ୟକ୍ତି ପ୍ରଥମେ ରାମସାର ଚୁକ୍ତିର ମୂଳ ପାଠ୍ୟରେ (ଧାରା ୩.୧) ଉଲ୍ଲିଖିତ ହୋଇଥିଲା । ସଦସ୍ୟ ଦେଶମାନଙ୍କୁ ତାଙ୍କର ଜଳାଶୟମାନଙ୍କର "ବିବେଚନାପୂର୍ଣ୍ଣ ବ୍ୟବହାର" ନେଇ ପରାମର୍ଶ ଦିଆଗଲା । ପରେ ୧୯୮୭ ମସିହାରେ କାନାଡ଼ାର ରେଜିନା ସହରରେ ଅନୁଷ୍ଠିତ ସମ୍ମେଳନରେ ଏହି ଧାରଣା ଅଧିକ ସ୍ପଷ୍ଟ ଓ ପରିଭାଷିତ ମଧ୍ୟ ହେଲା । ସୁତରାଂ, କେବଳ ଜଳାଶୟର ସୁରକ୍ଷା ନୁହେଁ, ବରଂ ସେଗୁଡ଼ିକର ସମୁଚିତ ବ୍ୟବହାର ଉପରେ ବିଶେଷ ଦୃଷ୍ଟି ଦେବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆଗଭର ହେଲେ । ସେହି ଦୃଷ୍ଟିରୁ ଆର୍ଦ୍ରଭୂମି ଓ ଜଳାଶୟଗୁଡ଼ିକର ଅବାଧ ଓ ଅତ୍ୟଧିକ ଶୋଷଣରୁ ବିରତ ରହି, ସେମାନଙ୍କର ପ୍ରାକୃତିକ କ୍ଷମତା ଓ ପୁନରୁତ୍ପାଦନ ଶକ୍ତିକୁ ଧ୍ୟାନରେ ରଖି ବ୍ୟବହାର କରାଯିବା ଦରକାର । ଏହା ସହିତ ଆର୍ଦ୍ରଭୂମି ସହିତ ସଂପୃକ୍ତ ସ୍ଥାନୀୟ ମାନବ ସମୁଦାୟଙ୍କ ଭୂମିକାକୁ ମଧ୍ୟ ଗୁରୁତ୍ୱ ପାଇଥାଏ, କାରଣ ସେମାନେ ଏହି ପରିବେଶ ପ୍ରଣାଳୀ ସହିତ ନିବିଡ଼ ସମ୍ପର୍କ ରଖନ୍ତି ଓ ସେମାନଙ୍କର ଜୀବିକା ଆର୍ଦ୍ରଭୂମି ଉପରେ ନିର୍ଭରଶୀଳ । କହିବା ବାହୁଲ୍ୟ ଯେ ଏହି ସମୟରୁ ରାମସାର ଚୁକ୍ତି ଏକ ସାମଗ୍ରିକ ପରିବେଶ-ପ୍ରଣାଳୀ ଆଧାରିତ ଚିନ୍ତାଧାରାରେ ପରିଣତ ହେଲା । ରାମସାର ଚୁକ୍ତି ଏକ ସରଳ ପକ୍ଷୀ-ସୁରକ୍ଷା ଚୁକ୍ତି ଭାବେ ଆରମ୍ଭ ହୋଇଥିଲା ସତ, କିନ୍ତୁ ତାହା ପ୍ରକୃତରେ ଏକ ବିସ୍ତୃତ ପରିବେଶ ଓ ସମାଜମୁଖୀ ଧାରଣାରେ ପରିଣତ ହୋଇଛି । ରାମସାର ଚୁକ୍ତି ଅନୁମୋଦନ ପରେ ଆର୍ଦ୍ରଭୂମି ସୁରକ୍ଷା ଆନ୍ଦୋଳନ ଧୀରେ ଧୀରେ ସୁସଂଗଠିତ ବିଶ୍ୱସ୍ତରୀୟ ଧାରାରେ ପରିଣତ ହୋଇଛି । ରାମସାର ଚୁକ୍ତି ହେତୁ ପୃଥିବୀ ସାରା ହଜାର ହଜାର ଆର୍ଦ୍ରଭୂମି-ନିର୍ଭରଶୀଳ ପ୍ରଜାତିଙ୍କର ସୁରକ୍ଷା ସମ୍ଭବ ହୋଇଛି ଏବଂ ପୃଥିବୀର ୨,୫୦୦ରୁ ଅଧିକ ସଂଖ୍ୟକ ଆର୍ଦ୍ରଭୂମିର ପରିବେଶୀୟ ସ୍ଥିରତା ଓ ସମୁଚିତ ପରିଚାଳନାକୁ ପ୍ରୋତ୍ସାହନ ମିଳିଛି । ଏହି ତାଲିକାରେ ଭାରତର ଅନ୍ୟୂନ ୯୯ଗୋଟି ଆର୍ଦ୍ରଭୂମି ଅନ୍ତର୍ଭୁକ୍ତ । ଓଡ଼ିଶାରେ ଚିଲିକା ହ୍ରଦ ସହିତ ଭିତରକନିକା, ସାତକୋଶିଆ, ତାମ୍ପରା ହ୍ରଦ, ହୀରାକୁଦ ବନ୍ଧ ଓ ଅଂଶୁପା ହ୍ରଦ ମିଶି ମୋଟ ଛଅଟି ଗୁରୁତ୍ୱପୂର୍ଣ୍ଣ ଜଳାଶୟ ରାମସାର ସ୍ଥଳୀ ଭାବେ ସ୍ୱୀକୃତ, ଯେଉଁଗୁଡ଼ିକ ରାଜ୍ୟ, ଦେଶ ତଥା ବିଶ୍ୱର ଜେ ?ବ ବିବିଧତା ସୁରକ୍ଷା ଓ ପରିବେଶୀୟ ସନ୍ତୁଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ପ୍ରାରମ୍ଭିକ କାଳରେ ସଦସ୍ୟ ଦେଶମାନେ ନିଜ ନିଜ ଆର୍ଦ୍ରଭୂମିଗୁଡ଼ିକୁ ଚିହ୍ନଟ କରି ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ; କିନ୍ତୁ ୧୯୯୦ ପରେ ଏହା ଜୈବ ବିବିଧତା, ଜଳବାୟୁ ପରିବର୍ନ୍ତନ ଓ ସ୍ଥାୟୀ ଉନ୍ନୟନ ସହିତ ଏକୀଭୂତ ହୋଇଗଲା । 'ରାମସାର କନଭେନସନ' ଆନୁକୂଲ୍ୟରେ ଅନୁଷ୍ଠିତ 'କପ୍ ?' ସମ୍ମିଳନୀ ମାଧ୍ୟମରେ ନୀତି, ପରିଚାଳନା ଓ ସହଯୋଗର ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇଛି । ବିଶେଷତଃ, 'କପ-୧୫' (୨୦୨୨ ମସିହାରେ ଜିମ୍ବାୱେର ଭିକ୍ ?ଟୋରିଆ ପ୍ରପାତ ନିକଟରେ ଆୟୋଜିତ)ରେ ଆର୍ଦ୍ରଭୂମିମାନଙ୍କୁ କେବଳ ପ୍ରାକୃତିକ ଆବାସ ଭାବେ ଗଣା ଗଲାନାହିଁ, ବରଂ ଜଳବାୟୁ ନିୟନ୍ତ୍ରଣ, ଅଙ୍ଗାରକ ସଂଗ୍ରହଣ ଓ ମାନବ ଜୀବିକା ସମର୍ଥନର ମୂଳ ଆଧାର ଭାବେ ମାନ୍ୟତା ଦିଆଗଲା । ଏହି ପ୍ରଗତିଶୀଳ ଧାରାକୁ ଆଗକୁ ନେବାର ପଥିକୃତ୍ ଉଦ୍ୟମ ଜାରି ରହିଛି । ପରିବେଶ ଚେତନାର ଏହି ଯାତ୍ରାରୁ ବିଶ୍ୱ ଉପଲବ୍ ?ଧି କରିଛି ଯେ ପ୍ରକୃତିକୁ ଭାଗ ଭାଗ କରି ନୁହେଁ, ବରଂ ଏକ ସମ୍ୟକ ଜୀବନ୍ତ ପ୍ରଣାଳୀ ଭାବେ ବୁଝିବା ଦରକାର; ଯେଉଁଥିରେ ପରିବେଶ, ଅର୍ଥନୀତି ଓ ସଂସ୍କୃତି ସମନ୍ୱିତ ହେଉଥିବେ । ଏହି ପ୍ରଣାଳୀରେ ପ୍ରବାସୀ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବା ଏକ ସାମାନ୍ୟ ଘଟଣା ମାତ୍ର ହୋଇ ରହେନାହିଁ; ଏହା ପ୍ରକାରାନ୍ତରେ ବୃହତ୍ ପରିବେଶୀୟ ସମସ୍ୟାର ସଂକେତ ହୋଇପାରେ । ଏଣୁ ଆର୍ଦ୍ରଭୂମିର ସୁରକ୍ଷା ଏବଂ ତା' ସହିତ ସଂଶ୍ଳିଷ୍ଟ ଜୀବନ ପ୍ରଣାଳୀ ନେଇ ଆମେ ଅଧିକରୁ ଅଧିକ ସଚେତନ ହେବା ଆବଶ୍ୟକ ।

## କାଳିଆ ଅଳିଆ

ଫରାସୀ ମନସ୍ତତ୍ତ୍ୱବିତ୍ ଫ୍ରାନ୍ଜ ଫାନନ୍ ତାଙ୍କର ମର୍ମସ୍ପର୍ଶୀ ପୁସ୍ତକ, 'ବ୍ଲାକ୍ ସ୍କିନ୍, ହ୍ୱାଇଟ୍ ମାସ୍କସ୍'ରେ ଦର୍ଶାଇଥିବା ଭଳି ଏପରି କୃଷ୍ଣକାୟ ମୋହର ସମାଜରେ ସେମାନଙ୍କୁ ଶ୍ୱାସରୁଦ୍ଧ କରିଦେଇଥାଏ । ତେଣୁ କୌଣସି ଗଣତନ୍ତ୍ରରେ ଆଉ ଏଭଳି କାଳିଆ-ଅଳିଆ ମାନସିକତା ପାଇଁ ସ୍ଥାନ ନାହିଁ; କୌଣସି ରାଜନୈତିକ ଦଳ ଆଜି ଏଥିପ୍ରତି କାଟଂସୁଲଭ ଦ୍ୱିବିଧ ଆଭିମୁଖ୍ୟ ପ୍ରଦର୍ଶନ କରି ତିଷ୍ଠିପାରିବ ନାହିଁ । କଂଗ୍ରେସ ତେଣୁ ଜମିର୍ ଖାନ୍‌ଙ୍କ ଭଳି ନେତାମାନଙ୍କୁ ଶୃଙ୍ଖଳିତ କରି ଦଳର କେତେକ କୋଣରେ ଜମି ରହିଥିବା କାଳିଆ ଅଳିଆ ମାନସିକତାକୁ ସଫା କରିବା ହେଉଛି ଦଳର ସ୍ୱାର୍ଥ ଦୃଷ୍ଟିରୁ ଜରୁରି । ଗତ ସପ୍ତାହରେ କର୍ଣ୍ଣାଟକରେ ଏକ ନିର୍ବାଚନ ପ୍ରଚାର ଅଭିଯାନରେ ଅଂଶଗ୍ରହଣ କରି ସେ ରାଜ୍ୟର ୱାକ୍‌ଫ ଓ ଗୃହ ନିର୍ମାଣ ମନ୍ତ୍ରୀ ଜମିର୍ ଅହମଦ୍ ଖାନ୍ ପ୍ରତିପକ୍ଷର ଅନ୍ୟତମ ତୁଙ୍ଗ ନେତା କେନ୍ଦ୍ରମନ୍ତ୍ରୀ ତଥା ସେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀଙ୍କର ଚର୍ମ ରଙ୍ଗକୁ କଟାକ୍ଷ କରି ପ୍ରଦାନ କରିଥିବା ମନ୍ତବ୍ୟ ବର୍ନ୍ନମାନ ସେ ରାଜ୍ୟର ସୀମା ଅତିକ୍ରମ କରି ସାରା ଦେଶରେ ଉନ୍ନେଜନାପୂର୍ଣ୍ଣ ଚର୍ଚ୍ଚାର ବିଷୟବସ୍ତୁରେ ପରିଣତ ହୋଇଛି । ଜମିର୍ ଅହମଦ୍ ଖାନ୍ କହିଥିଲେ ''କାଳିଆ କୁମାରସ୍ୱାମୀ'' ହେଉଛନ୍ତି 'ବିଜେପି' ଠାରୁ ଅଧିକ ବିପଜ୍ଜନକ । କଂଗ୍ରେସ ନେତା ଖାନ୍‌ଙ୍କ ବିଚାରରେ 'ବିଜେପି' ହେଉଛି ବିପଜ୍ଜନକ, କିନ୍ତୁ ସତେ ଯେମିତି ତାଙ୍କର ଶରୀରର ବର୍ଣ୍ଣ କଳା ହୋଇଥିବାରୁ କୁମାରସ୍ୱାମୀ ହେଉଛନ୍ତି 'ବିଜେପି' ଠାରୁ ମଧ୍ୟ ଅଧିକ ବିପଜ୍ଜନକ । ଅର୍ଥାତ୍ କୃଷ୍ଣକାୟମାନେ ହେଉଛନ୍ତି ବିପଜ୍ଜନକ । ଖାନ୍‌ଙ୍କ ଏହି ମନ୍ତବ୍ୟ ସେଇଭଳି ବର୍ଣ୍ଣବିଦ୍ୱେଷମୂଳକ ବିଚାର ବହନ କରିଥାଏ, ଯାହା ଅତୀତରେ ଦକ୍ଷିଣ ଆଫ୍ରିକା ବା ଆମେରିକାରେ ରାଜତ୍ୱ କରୁଥିଲା । ବର୍ତ୍ତମାନ କିନ୍ତୁ ପୃଥିବୀର କୌଣସି ସଭ୍ୟ ଦେଶରେ କୌଣସି ରାଜନୈତିକ ଦଳ ବା ନେତା ସେମାନଙ୍କ ଜାଗ୍ରତ ଅବସ୍ଥାରେ କ'ଣ, ସେମାନଙ୍କ ସ୍ୱପ୍ନରେ ମଧ୍ୟ ଏଭଳି ବର୍ଣ୍ଣବିଦ୍ୱେଷୀ ଚିନ୍ତାଧାରା ପ୍ରକାଶ କରିବାକୁ ସାହସ କରିବେ ନାହିଁ । ଅପରପକ୍ଷେ ଏବେ ରକ୍ଷଣଶୀଳ ଦେଶ ରୂପେ ପରିଚିତ ବ୍ରିଟେନ୍‌ର ରକ୍ଷଣଶୀଳ ସର୍ବପୁରାତନ ରାଜନେ ?ତିକ ଦଳ ଜାଠ ଦଳର ନେତ୍ରୀ ରୂପେ ଜଣେ ନାଇଜେରିଆ ମୂଳର କୃଷ୍ଣକାୟା ମହିଳା ନିର୍ବାଚିତ ହୋଇ ଏକ ନୂତନ ବର୍ଣ୍ଣସାମ୍ୟ ଯୁଗର ସୂତ୍ରପାତ କରିଛନ୍ତି । ଏଠାରେ ଯାହା ଉଲ୍ଲେଖନୀୟ, ତାହା ହେଲା, କେମି ବାଡେନକ୍ ନାମ୍ନୀ ଏହି କୃଷ୍ଣକାୟାଙ୍କୁ ନିର୍ବାଚିତ କରିଥିବା ଜାଠ ଦଳର ସଦସ୍ୟମାନେ ହେଉଛନ୍ତି ପ୍ରାୟ ସମସ୍ତେ ଶ୍ୱେତକାୟ । ଏହି ଦୃଷ୍ଟିରୁ ଦେଖିଲେ ଜମିର୍ ଖାନ୍‌ଙ୍କ ମନ୍ତବ୍ୟ ସଂପୂର୍ଣ୍ଣ ନିର୍ବୋଧତୁଲ୍ୟ ମନେ ହୋଇଥାଏ । କାରଣ, ଭାରତର ତଥା ତାଙ୍କ ରାଜ୍ୟ କର୍ଣ୍ଣାଟକର ଅଧିକାଂଶ ଲୋକମାନଙ୍କର ଚର୍ମର ରଙ୍ଗ ହେଉଛି କଳା କିମ୍ବା କଳାର ନିକଟବର୍ନ୍ତୀ ବିଭିନ୍ନ ରଙ୍ଗମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁଥିରେ କେବଳ କଳାର ମାତ୍ରାରେ ଯାହା ତାରତମ୍ୟ ପରିଲକ୍ଷିତ ହୋଇଥାଏ (ବ୍ରିଟିଶ୍ ଔପନ୍ୟାସିକ ଇ. ଏମ୍. ଫଷ୍ଟରଙ୍କ ଭାଷାରେ ଭାରତୀୟମାନଙ୍କର ଚର୍ମ ରଙ୍ଗର ବିବିଧତା 'ବ୍ଲାକ୍'ରୁ 'ବ୍ଲୁ-ବ୍ଲାକ୍' ପର୍ଯ୍ୟନ୍ତ ପ୍ରସାରିତ ହୋଇଥାଏ) । ଏହି ପୃଷ୍ଠଭୂମିରେ କୌଣସି ବିଚାରବୁଦ୍ଧିସଂପନ୍ନ ରାଜନେତା ପ୍ରତିପକ୍ଷର ନେତାଙ୍କର ଚର୍ମର ରଙ୍ଗରେ କଳା ରଙ୍ଗ ଉପସ୍ଥିତିକୁ ଏପରି ବିଦ୍ରୂପ କରିବାକୁ ସାହସ କରିବା କଳ୍ପନା କରାଯାଇ ପାରେନା । ତାଙ୍କର ମନ୍ତବ୍ୟ ସୃଷ୍ଟି କରିଥିବା ତୀବ୍ର ପ୍ରତିକ୍ରିୟାରୁ ବର୍ନ୍ନିବା ପାଇଁ କୁମାରସ୍ୱାମୀଙ୍କୁ ସର୍ବଦା ''କାଳିଆ ନନା'' ରୂପେ ଶ୍ରଦ୍ଧାରେ ସଂବୋଧନ କରିଆସିଛନ୍ତି ବୋଲି ଜମିର୍ ଖାନ୍ ଦେଇଥିବା ସଫେଇକୁ କୁମାରସ୍ୱାମୀ ଅସ୍ୱୀକାର କରି ଏହା ମିଛ ବୋଲି କହିଛନ୍ତି । ଅବଶ୍ୟ ତାଙ୍କ ଦଳ କଂଗ୍ରେସ ପାଇଁ ଜମିର୍ ଖାନ୍ ପ୍ରଦାନ କରିଥିବା ଏଭଳି ମନ୍ତବ୍ୟ କିଛି ଅସ୍ୱସ୍ତି ସୃଷ୍ଟି କରିଥିଲେ ହେଁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ଏଭଳି ରାଜନୈତିକ ଅବିମୃଶ୍ୟକାରିତା ପ୍ରଦର୍ଶନ କରିବାରେ ଜମିର୍ ଖାନ୍ ସେ ଦଳର ପ୍ରଥମ ନେତା ନୁହନ୍ତି । ଏଇମାତ୍ର କେତେଦିନ ତଳେ ଦଳର ଜଣେ ଛାମୁଆ ନେତା, ବିଦେଶ ଦାୟିତ୍ୱରେ ଥିବା 'ଓଭରସିଜ୍ କଂଗ୍ରେସ'ର ମୁଖ୍ୟ ସାମ୍ ପିତ୍ରୋଡ଼ା ସମସ୍ତ ଦକ୍ଷିଣ ଭାରତୀୟମାନଙ୍କୁ ଆଫ୍ରିକୀୟମାନଙ୍କ ସହିତ ତୁଳନା କରି ଦଳ ପାଇଁ ଏହାର ପ୍ରତିକ୍ରିୟାଜନିତ କ୍ଷତି ସୀମିତ କରିବା ଉଦ୍ଦେଶ୍ୟରେ ସାମୟିକ ଭାବରେ ନିଜର ଦାୟିତ୍ୱରୁ ଅବ୍ୟାହତି ନେଇଥିଲେ । ସୁଯୋଗ ହାତଛଡ଼ା ନ କରି ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସର ଏହି କୃଷ୍ଣକାୟ-ବିରୋଧୀ ଆଭିମୁଖ୍ୟ ହେଉଛି ସେ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ବିରୋଧ ପଛରେ ନିହିତ ଥିବା ଅସଲ କାରଣ ବୋଲି ଅଭିଯୋଗ କରିଥିଲେ । କଂଗ୍ରେସ ନେତାମାନଙ୍କର ଏଭଳି ଅସଙ୍ଗତ ଆଚରଣ ଦେଖିଲେ ମନେ ହୋଇଥାଏ ସତେ ଯେମିତି ସେମାନଙ୍କର ମାନସିକତା ଏ ପର୍ଯ୍ୟନ୍ତ ଅତୀତର ପ୍ରଭାବରୁ ମୁକୁଳି ପାରିନାହିଁ । ଭାରତର ଏହି ସର୍ବପୁରାତନ ଜାତୀୟ ରାଜନୈତିକ ଦଳର ଇତିହାସରେ ଯିଏ ଏ ପର୍ଯ୍ୟନ୍ତ ମହାନତମ ନେତା ରୂପେ ବିବେଚିତ ହୋଇଆସିଛନ୍ତି, ସେ ହେଉଛନ୍ତି ଦେଶର ସର୍ବପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ । ତତ୍କାଳୀନ ପୃଥିବୀରେ ନେହରୁ ଜଣେ ପ୍ରବୃଦ୍ଧ ରାଷ୍ଟ୍ରନିର୍ମାତା ରୂପେ ଯେଉଁଭଳି ପ୍ରସିଦ୍ଧି ଲାଭ କରିଥିଲେ, ନିଜର ସୁନ୍ଦର ସୁଠାମ ଚେହେରା ପାଇଁ ମଧ୍ୟ ସେଇଭଳି ସୁପରିଚିତ ଥିଲେ । ଏହାର ଏକ ଉଦାହରଣ ସ୍ୱରୂପ ସେତେବେଳେ ଏକଦା ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିବା ପ୍ରଖ୍ୟାତ ଅର୍ଥନୀତିଜ୍ଞ ଜନ୍ କେନେଥ୍ ଗାଲ୍‌ବ୍ରେଥ୍ ତାଙ୍କର ବହୁଳ ଆଦୃତ ପୁସ୍ତକ 'ଦି ଏଜ୍ ଅଫ୍ ଅନ୍‌ସର୍ଟେନ୍‌ଟି'ରେ ଗୌରବର୍ଣ୍ଣ ନେହରୁଙ୍କ ଚେହେରାକୁ ପ୍ରଶଂସା କରି ଲେଖିଥିଲେ ଯେ ସେ ହେଉଛନ୍ତି ଯେ କୌଣସି ଶ୍ୱେତକାୟ ଇଉରୋପୀୟଙ୍କ ଅପେକ୍ଷା ଅଧିକ ସୁନ୍ଦର । ଇତିମଧ୍ୟରେ ନେହରୁ ବିଦାୟ ନେବାର ଦୀର୍ଘ ଛ'ଦଶନ୍ଧି ଅତିବାହିତ ହୋଇସାରିଥିଲେ ହେଁ ଏବଂ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପରି ଜଣେ କୃଷ୍ଣଚର୍ମଧାରୀ ବର୍ତ୍ତମାନ ସେ ଦଳର ମୁଖ୍ୟ ପଦ ଅଳଙ୍କୃତ କରୁଥିଲେ ହେଁ, କଂଗ୍ରେସ ନେତାମାନଙ୍କର ଏହି ଫ୍ରଏଡୀୟ ମନ୍ତବ୍ୟମାନ ଦେଖି ଏକ ଧାରଣା ଜାତ ହୋଇଥାଏ ଯେ ସେମାନେ ସେମାନଙ୍କର ସାମୂହିକ ଅତୀତର ସେଇ ଗାଲ ବ୍ରେଥ୍‌ସୂଚିତ ଗର୍ବବୋଧରୁ ଏ ପର୍ଯ୍ୟନ୍ତ ମୁକୁଳି ନାହାନ୍ତି । ସାମାଜିକ ଓ ଅର୍ଥନୈତିକ ସାମ୍ୟବାଦର ପ୍ରମୁଖ ବାହକ ରୂପେ ନିଜକୁ ପ୍ରଦର୍ଶିତ କରିଆସୁଥିବା କଂଗ୍ରେସ ଦଳର ନେତାମାନେ ଏଭଳି ବର୍ଣ୍ଣବୈଷମ୍ୟବାଦୀ ଭାବନା ପ୍ରକାଶ କରିବା ଏକ ବିଡ଼ମ୍ବନା ଭଳି ବୋଧ ହେଉଥିଲେ ହେଁ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ମହାନ ଜର୍ମାନ୍ ଦାର୍ଶନିକ ଇମାନୁଏଲ୍ କାଟ୍ଂ ହେଉଛନ୍ତି ଏକ ଦୃଢ଼ ନୈତିକ ସାମ୍ୟବାଦ ପ୍ରବର୍ତ୍ତନ କରିବାରେ ସର୍ବପ୍ରଧାନ ଇଉରୋପୀୟ ଚିନ୍ତାନାୟକ । ତାଙ୍କର ପ୍ରସିଦ୍ଧ 'କାଟିଗରିକାଲ୍ ଇମ୍ପରେଟିଭ୍' ତତ୍ତ୍ୱର ଦ୍ୱିତୀୟ ନିୟମ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଏକ ବୁଦ୍ଧିମାନ ମନୁଷ୍ୟ (ରେସ୍‌ନାଲ୍ ବିଙ୍ଗ୍) ହୋଇଥିବାରୁ ନିଃସର୍ନ୍ତ ସମ୍ମାନର ଅଧିକାରୀ ହୋଇଥାଏ- ସେ ରଜା ହୋଇଥାଉ କି ରଙ୍କ ହୋଇଥାଉ । କିନ୍ତୁ ସେଇ କାଟଂ ପୃଥିବୀରେ ମାନବ ଜାତିର ଶ୍ରେଣୀ ବିଭାଜନ କରି ଇଉରୋପୀୟମାନଙ୍କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରିଥିବା ବେଳେ (ତାଙ୍କ ଭାଷାରେ ଜାପାନୀମାନେ ହେଉଛନ୍ତି ପ୍ରାଚ୍ୟର ଇଂରେଜ) କୃଷ୍ଣକାୟ ନିଗ୍ରୋମାନଙ୍କୁ ନିକୃଷ୍ଟତମ 'ଜାତି' (ରେସ୍) ରୂପେ ହେୟଜ୍ଞାନ ପ୍ରଦର୍ଶନ କରିଥିଲେ ।

ସୁଯୋଗ ହାତଛଡ଼ା ନ କରି ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସର ଏହି କୃଷ୍ଣକାୟ-ବିରୋଧୀ ଆଭିମୁଖ୍ୟ ହେଉଛି ସେ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ବିରୋଧ ପଛରେ ନିହିତ ଥିବା ଅସଲ କାରଣ ବୋଲି ଅଭିଯୋଗ କରିଥିଲେ । କଂଗ୍ରେସ ନେତାମାନଙ୍କର ଏଭଳି ଅସଙ୍ଗତ ଆଚରଣ ଦେଖିଲେ ମନେ ହୋଇଥାଏ ସତେ ଯେମିତି ସେମାନଙ୍କର ମାନସିକତା ଏ ପର୍ଯ୍ୟନ୍ତ ଅତୀତର ପ୍ରଭାବରୁ ମୁକୁଳି ପାରିନାହିଁ । ଭାରତର ଏହି ସର୍ବପୁରାତନ ଜାତୀୟ ରାଜନୈତିକ ଦଳର ଇତିହାସରେ ଯିଏ ଏ ପର୍ଯ୍ୟନ୍ତ ମହାନତମ ନେତା ରୂପେ ବିବେଚିତ ହୋଇଆସିଛନ୍ତି, ସେ ହେଉଛନ୍ତି ଦେଶର ସର୍ବପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ । ତତ୍କାଳୀନ ପୃଥିବୀରେ ନେହରୁ ଜଣେ ପ୍ରବୃଦ୍ଧ ରାଷ୍ଟ୍ରନିର୍ମାତା ରୂପେ ଯେଉଁଭଳି ପ୍ରସିଦ୍ଧି ଲାଭ କରିଥିଲେ, ନିଜର ସୁନ୍ଦର ସୁଠାମ ଚେହେରା ପାଇଁ ମଧ୍ୟ ସେଇଭଳି ସୁପରିଚିତ ଥିଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଆଧାର କାର୍ଡ ନଥିବାରୁ ୬ ବର୍ଷ ଧରି ରାସନରୁ ବଚିଂତ ପରିବାର :

## ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବାପା-ଝିଅ

ଝାରସୁଗୁଡା,୨୬/୬(ନି/ପ୍ର): ଗରିବ ଓ ଖଟିଖିଆ ପରିବାରଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଅନେକ ପ୍ରକୃତ ହିତାଧିକାରୀ ଆଜି ମଧ୍ୟ ସେହି ସୁବିଧାରୁ ବଚିଂତ ରହିଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ କନକତୋରା ପଚାଂଯତର ଲୁହାବଗା ଗାଁରେ। ଗାଁର ବୃନ୍ଦାବନ ସୁନା (୪୮) ଏବଂ ତାଙ୍କର ଦୁଇ ଝିଅ ଶାନ୍ତି ସୁନା (୨୨) ଓ ଆରତୀ ସୁନା (୧୮) ବିଗତ ଛଅ ବର୍ଷରୁ ଅଧିକ ସମୟ ଧରି ଖାଦ୍ୟ ସୁରକ୍ଷା ଯୋଜନାର ଲାଭରୁ ବଚିଂତ ରହି ଦୁର୍ଦ୍ଦିନ ମଧ୍ୟରେ ଜୀବନ ବିତାଉଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ପାଚଂ ସଦସ୍ୟ ବିଶିଷ୍ଟ ଏହି ପରିବାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ରାସନ ସାମଗ୍ରୀ ପାଉଥିଲେ। କିନ୍ତୁ ୨୦୧୯ ମସିହାରେ ଲଗାଣ ବର୍ଷାରେ ସେମାନଙ୍କର ଚାଳଛପର ଘର ଭାଙ୍ଗିଯିବା ସହ ବୃନ୍ଦାବନ ଓ ତାଙ୍କ ଦୁଇ ଝିଅଙ୍କର ଆଧାର କାର୍ଡ ନଷ୍ଟ ହୋଇଯାଇଥିଲା। ପରେ ରାସନ କାର୍ଡ ସହ ଆଧାର ସଂଯୋଗ ବାଧ୍ୟତାମୂଳକ ହେବାରୁ ପରିବାରର ଏହି ତିନି ସଦସ୍ୟ ଯୋଜନାରୁ ବାଦ ପଡ଼ିଥିଲେ। ନୂତନ ଆଧାର କାର୍ଡ ପ୍ରାପ୍ତି ପାଇଁ ସେମାନେ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ଆବଶ୍ୟକ ପ୍ରମାଣପତ୍ରର ଅଭାବରୁ ଆଧାର କାର୍ଡ ପୁନଃ ନିର୍ମାଣ ହୋଇପାରୁନାହିଁ। ଫଳରେ କେବଳ ରାସନ ସାମଗ୍ରୀ ନୁହେଁ, ଝିଅମାନଙ୍କ ଉଚ୍ଚଶିକ୍ଷା ଓ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧାରୁ ମଧ୍ୟ ପରିବାର ବଚିଂତ ହେଉଛି।ଦିନ ମଜୁରି କରି ପରିବାର ଚଳାଉଥିବା ବୃନ୍ଦାବନ ସୁନା କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ ପରିବାର ପ୍ରତିପୋଷଣ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି। ପ୍ରଶାସନ ମାନବିକ ଦୃଷ୍ଟିକୋଣରୁ ତାଙ୍କ ସମସ୍ୟାକୁ ବିଚାର କରି ଶୀଘ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ଆଧାର କାର୍ଡ ପୁନଃ ପ୍ରାପ୍ତିରେ ସହାୟତା କରିବାକୁ ସେ ନିବେଦନ କରିଛନ୍ତି । ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି ଯେ, କେବଳ ଦଲିଲ ଅଭାବରୁ ଜଣେ ପ୍ରକୃତ ଗରିବ ପରିବାର ସରକାରୀ ସୁବିଧାରୁ ବଚିଂତ ହେବା କେତେଦୂର ଯୁକ୍ତିସଙ୍ଗତ। ସମ୍ପୃକ୍ତ ବିଭାଗ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସ୍ଥାନୀୟ ଅଚଂଳରେ ଦାବି ହେଉଛି।

## ବିକାଶ ସାରା ଓଡିଶା ସାରା କାଯ୍ୟକ୍ରମରେ ସରକାରୀ ଯୋଜନାର ବଟଂନ

ଜୟପୁର,୨୬/୬(ନି/ପ୍ର): ସରକାରଙ୍କ ବିକାଶ ସାରା ଓଡିଶା ସାରା କାଯ୍ୟକ୍ରମର ଦୁଇ ବର୍ଷ ପୁର୍ତ୍ତି ଅବସରରେ ଜୟପୁର ବ୍ଲକ ସଭାଗୃହରେ ବିଭିନ୍ନ ସରକାରି ଯୋଜନା ବଟଂନ କରାଯାଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ବଟଂନ କରିଥିଲେ । ଏଠାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି , ଜିଲା ପରିଷଦ ସଭ୍ୟ ତପତି ପଟ୍ଟନାୟକ ଉପସ୍ଥିତ ରହିଥିବା ବେଳେ ବିଡିଓ ଶକ୍ତି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସିଡିପିଓ କାଟଂନ ପଣ୍ଡା ପରିଚାଳନା କରିଥିଲେ । ଏଠାରେ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ ବଟଂନ, ଲେବର କାର୍ଡ, ଭତ୍ତା, ସହାୟକ ଉପ କରଣ, ମୁଖ୍ୟମନ୍ତ୍ରୀ ଅନ୍ନପୁର୍ଣ୍ଣା ଯୋଜନାରେ କାର୍ଡ ବଟଂନ ଆଦି କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଠାରେ ଜିଲା ଶ୍ରମ ଅଧିକାରି ସବିତା ନାୟକ, ବ୍ଲକ ସହକାରି ନିବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, ଆସିଡିଏସ ସୁପରଭାଇଜର, ବ୍ଲକ କର୍ମଚାରି ଅଙ୍ଗନବାଡୀ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଅଙ୍ଗନବାଡି ସେବାକୁ ଆହୁରି ଡିଜିଟାଲ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଅଙ୍ଗନବାଡି କର୍ମୀମାନଙ୍କୁ ନୂତନ ସ୍ମାର୍ଟଫୋନ ବଟଂନ କରାଯାଇଛି। ଏହି ସ୍ମାର୍ଟଫୋନ ମାଧ୍ୟମରେ ଶିଶୁଙ୍କ ବିକାଶ, ପୋଷଣ ସ୍ଥିତି ଓ ମାତୃ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ସହଜରେ ଅନଲାଇନରେ ଅପଲୋଡ୍ କରାଯାଇପାରିବ।

## ଏନ.ଏସ.ଏସ କାର୍ଯ୍ୟକର୍ତା ଅଧିକାରୀଙ୍କ ବାର୍ଷିକ ସମୀକ୍ଷା ବୈଠକ



ସମ୍ବଲପୁର,୨୬/୬(ନି/ପ୍ର):ଏନ.ଏସ.ଏସ ବ୍ୟୁରୋ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର, ବୁର୍ଲା ଦ୍ୱାରା ଆୟୋଜିତ ମିନି ଅଡିଟୋରିୟମ ଠାରେ ଏନଏସଏସ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି ଓ ଏହି ଅବସରରେ କୁଳପତି ପ୍ରଫେସର ଡ଼.ବିଧୁଭୁଷଣ ମିଶ୍ରଙ୍କ ସଭାପତିତ୍ୱରେ ରାଜ୍ୟ ଆଚଂଳିକ ନିର୍ଦ୍ଦେଶିକା ଏନ.ଏସ.ଏସର ଡ଼. ସରିତା ପଟେଲ, ଏସ.ଏନ. ଓ ଡ଼. ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଯୁବ ଅଧିକାରୀ ଏ.ଏସ କବିର,ସଂଯୋଜକ ଡ଼. ବୀରେନ୍ଦ୍ର କୁମାର ବେହେରା ଯୋଗଦେଇ ଏନ.ଏସ.ଏସର ବିଭିନ୍ନ ଯୋଜନା ଓ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ ଓ କାର୍ଯ୍ୟକ୍ରମ ଯୋଗଦାନ କରିଥିବା ଅଧିକାରୀ ମାନେ ନିଜନିଜର ଅଭିମତ ପ୍ରଦାନ କରିଥିଲେ ଓ ଏନ. ଏସ. ଏସ କିଟ ବଟଂନ ପରେ ଡ଼. ଏସ ରାମାଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅପରାହ୍ନ ସମୟରେ ଏନ.ଏସ. ଏସ ପରାମର୍ଶଦାତା ସମିତିର ସମସ୍ତ ସଭ୍ୟସଭ୍ୟା ମାନଂକୁ ନେଇ କୁଳପତି ସମ୍ମିଳନୀ କକ୍ଷଠାରେ ବିଗତ ଓ ଚଳିତ ବର୍ଷର ସମସ୍ତ ବିବରଣୀ ଉପରେ ଆଲୋଚନା ହୋଇଥିଲା ଓ ବିଭାଗର ଲଳିତ କୁମାର ରାଉଳ ଓ ନିର୍ମଳ କୁମାର ବଗର୍ତି ସହଯୋଗ କରିଥିଲେ।

# ଅର୍ଡ଼ା ପଂଚାୟତରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୨୬/୬(ନି/ପ୍ର): ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ଅର୍ଡ଼ା ଗ୍ରାମପଂଚାୟତ ପରିସରରେ ଆଜି ସରକାରଙ୍କ ଏକ ସ୍ୱତନ୍ତ୍ର 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଂଚଳର ପ୍ରଗତି, ଭିତିଭୂମିର ବିକାଶ ଏବଂ ସାଧାରଣ ଜନତାଙ୍କ ନିକଟରେ ସରକାରୀ ଯୋଜନାର ସଫଳ ରୂପାୟନ ପହଂଚାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ। ହିତାଧିକାରୀଙ୍କୁ ଏହି ଅବସରରେ ବିଭିନ୍ନ କାର୍ଡ ମଧ ବଟଂନ କରାଯାଇଥିଲା। ଏହି ଅବସରରେ ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିନାଶ ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅର୍ଡ଼ା ପଂଚାୟତର ସରପଂଚ ବୀଣାପାଣି ପୋଢ଼ଙ୍କ ସମେତ ବିଜୟ ଶର୍ମା ଏବଂ ଉଦ୍ଧବ ସିଂ ନାଏକ ପ୍ରମୁଖ ମଂଚାସୀନ ରହି ସ୍ଥାନୀୟ ସମସ୍ୟା ଓ ବିକାଶର ରୋଡମ୍ୟାପ୍ ଉପରେ ନିଜ ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପଂଚାୟତର ସମିତି ସଦସ୍ୟ, ୱାର୍ଡ ସଭ୍ୟ, ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ସ୍ତରୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା

ଝାରସୁଗୁଡ଼ା,୨୬/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଚାଲିଥିବା ୧୫ ଦିନିଆ (୧୨.୦୬.୨୦୨୬ରୁ ୨୬.୦୬.୨୦୨୬) ଶିଶୁ ଶ୍ରମିକ ନିରାକରଣ ସପ୍ତାହ ସଚେତନତା ଅଭିଯାନର ଏକ ଅଂଶସ୍ୱରୂପ ଆଜି ଏକ ବିଶାଳ ଗଣ ସଚେତନତା ପଦଯାତ୍ରା 'ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା' ଆୟୋଜିତ ହୋଇଯାଇଛି। ସାଧାରଣ ଜନତା ଏବଂ ବିଭିନ୍ନ ବିଭାଗୀୟ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରା ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ (ଗାନ୍ଧୀ ଛକ) ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଝାରସୁଗୁଡ଼ା ବ୍ରଜ ବନ୍ଧୁ ଭୋଇ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଆଂଚଳିକ ଶ୍ରମ କମିଶନର, ଜିଲ୍ଲା ଶ୍ରମ ଅଧିକାରୀ ଝାରସୁଗୁଡ଼ା ଏବଂ କୋଲାବିରା, କିରିମିରା, ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଅଂଚଳର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନର ସକ୍ରିୟ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ଟ୍ରାଫିକ ଏବଂ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଟାଉନ ଥାନା ପୋଲିସ ପକ୍ଷରୁ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା। ପଦଯାତ୍ରା ସମୟରେ ଶ୍ରମ ବିଭାଗର ଅଧିକାରୀ ଏବଂ ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କୁ ଶିଶୁ ଶ୍ରମ ନିରୋଧ ଆଇନ ସମ୍ପର୍କିତ ବିଭିନ୍ନ ସୂଚନା, ଶିକ୍ଷା ଓ ଯୋଗାଯୋଗ ସାମଗ୍ରୀ ଏବଂ ଲିଫ୍ଲେଟ୍ ବଂଟନ କରିଥିଲେ। ଏହା ସହିତ ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ, ହୋଟେଲ ଓ ଢାବା ମାଲିକମାନଙ୍କୁ 'ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ' ଅନୁଯାୟୀ ଶିଶୁମାନଙ୍କୁ କାମରେ ନିୟୋଜିତ କଲେ ମିଳୁଥିବା କଠୋର ଆଇନଗତ ଦଣ୍ଡ ଓ ଜରିମାନା ବିଷୟରେ ଚେତାବନୀ ଦେଇ ସଚେତନ କରାଯାଇଥିଲା। ପିଲାମାନଙ୍କର ମୌଳିକ ଶିକ୍ଷା ଅଧିକାର ଉପରେ ଗୁରୁତ୍ୱ ଦେବା ସହ କୌଣସି ସ୍ଥାନରେ ଶିଶୁ ଶ୍ରମିକ ନିୟୋଜିତ ହେଉଥିବାର ଦେଖିଲେ ତୁରନ୍ତ ଏ ବାବଦରେ ପ୍ରଶାସନ ବା ଚାଇଲ୍ଡଲାଇନକୁ ସୂଚନା ଦେବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ଅନୁରୋଧ କରାଯାଇଛି।

# +୩ ନାମଲେଖା ପାଇଁ ଛାତ୍ରୀଙ୍କ ସହାୟତାରେ ଆଗେଇଲେ ଦୀପାଳି ଦାସ




ଝାରସୁଗୁଡ଼ା,୨୬/୬(ନି/ପ୍ର): ନୂତନ ଶିକ୍ଷାବର୍ଷରେ +୩ ନାମଲେଖା ପ୍ରକ୍ରିୟାକୁ ସହଜ ଓ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ବିଜୁ ଛାତ୍ର ଜନତା ଦଳ ଓ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର 'ସହାୟତା କେନ୍ଦ୍ର' କାର୍ଯ୍ୟକ୍ଷମ ହୋଇଛି। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଏହି ପଦକ୍ଷେପକୁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ସ୍ୱାଗତ କରାଯାଇଛି। ବୁଧବାର ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଳି ଦାସ ସହାୟତା କେନ୍ଦ୍ରରେ ପହଂଚି ଛାତ୍ରୀ ଓ ଅଭିଭାବକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେ ନାମଲେଖା ପ୍ରକ୍ରିୟା, ଉପଯୁକ୍ତ ବିଷୟ ଚୟନ ଏବଂ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ସହଯୋଗ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ଯାତ୍ରାକୁ ସରଳ ଓ ସୁଗମ କରିବା ଏହି କେନ୍ଦ୍ରର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଏହା ସହ ସମସ୍ତ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଜିଲ୍ଲା ଯୁବ ବିଜେଡି ସଭାପତି ରୁବିନ ପାଣ୍ଡେ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶିବାଶିଷ ପଟ୍ଟନାୟକ, ଜିଲ୍ଲା ବିଜୁ ଜନତା ଦଳ ସଭାପତି ହରିଶ ଗନାତ୍ରା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଫିଂଟୁ ପାଢ଼ୀ, ଝାରସୁଗୁଡ଼ା ବ୍ଲକ ବିଜେଡି ସଭାପତି ଦାମୋଦର ନାଥଙ୍କ ସମେତ ଅଶୋକ ଦାସ, ଶିବୁ ପଟ୍ଟନାୟକ, ଗଙ୍ଗା ଦାସ, କାହ୍ନା ପୋଢ଼, ଲିପୁନ ସିଂ, ରାହୁଲ ସାହୁ ଓ ଅନ୍ୟାନ୍ୟ ଦଳୀୟ କର୍ମକର୍ତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସଂଗଠନ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ଏହି ଜନହିତକର ପଦକ୍ଷେପକୁ ସାଧାରଣ ମହଲରେ ପ୍ରଶଂସା କରାଯାଉଛି।




## ପୋଖରାସାହେ୍ଲ ପଂଚାୟତରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ଝାରସୁଗୁଡ଼ା, ୨୬/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହେ୍ଲ ଗ୍ରାମପଂଚାୟତ ପରିସରରେ ଆଜି ସରକାରଙ୍କ ଏକ ସ୍ୱତନ୍ତ୍ର 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଂଚଳର ପ୍ରଗତି, ଭିତିଭୂମିର ବିକାଶ ଏବଂ ସାଧାରଣ ଜନତାଙ୍କ ନିକଟରେ ସରକାରୀ ଯୋଜନାର ସଫଳ ରୂପାୟନ ପହଂଚାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବୋଲି ବିଧାୟକ ବର୍ଣ୍ଣନା କରିଥିଲେ। ହିତାଧିକାରୀଙ୍କୁ ଏହି ଅବସରରେ ବିଭିନ୍ନ କାର୍ଡ ମଧ ବଂଟନ କରାଯାଇଥିଲା। ଏହି ଅବସରରେ ବିଡ଼ିଓ ଅଭିନାଶ ଲାକ୍ରା, ଏବିଡ଼ିଓ ରାଜେଶ ରୋଶନ ଗୁଡ଼ିଆ, ସରପଂଚ ଲକ୍ଷ୍ମୀପ୍ରିୟା ବେହେରା, ବିଧାୟକ ପ୍ରତିନିଧି ରାଜେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ସମିତି ସଦସ୍ୟ, ୱାର୍ଡ ସଭ୍ୟ, ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ସ୍ତରୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସମାଜସେବୀ ଗୋଲକ ବିହାରୀ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳୀ

ବଲାଙ୍ଗିର,୨୬/୬(ନି/ପ୍ର): କୁଶଙ୍ଗ ଗ୍ରାମରେ ସମାଜସେବୀ ସ୍ୱର୍ଗତ ଗୋଲକ ବିହାରୀ ପଟେଲଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯୋଗ ଦେଇଥିବାବେଳେ ଗାଁର ଗୌନ୍ତିଆ ବୃନ୍ଦାବନ ପଟେଲ, ଗୌରଚନ୍ଦ୍ର ପଟେଲ, କୁଶଙ୍ଗ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ସିଂ ମଂଚାସୀନ ଥିଲେ । ଅନେକ ବୁଦ୍ଧିଜିବୀ,କୁଶଙ୍ଗ କଲେଜର ଅଧ୍ୟାପକ, ଶିକ୍ଷକ, କଳାପ୍ରେମୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ପଟେଲଙ୍କ ସମାଜସେବା ଏବଂ ଅଂଚଳର ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ ଅବଦାନ ଏବଂ ତାଙ୍କର ପ୍ରତିବଦ୍ଧତା ବିଷୟରେ ସ୍ମୃତିଚାରଣ କରିଥିଲେ ।

## ସମ୍ବଲପୁର କାଡା ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକ ଭିଜିଲାନ୍ସ ଦ୍ୱାରା ଗିରଫ

# ଆୟଠାରୁ ୧୧୯% ଅଧିକ ସମ୍ପତି ଠାବ

ସମ୍ବଲପୁର,୨୬/୬(ନି/ପ୍ର): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଂଟ ଅଥରିଟି (କାଡା) ଡିଭିଜନର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କୁ ଅସମାନୁପାତିକ ସମ୍ପତି ମାମଲାରେ ଓଡ଼ିଶା ଭିଜିଲାନ୍ସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଜଣାଶୁଣା ଆୟ ସ୍ରୋତ ତୁଳନାରେ ୧୧୯ ପ୍ରତିଶତ ଅଧିକ ସମ୍ପତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ ସମ୍ବଲପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଏହି ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଚଢ଼ାଉ ସମୟରେ ପଦ୍ମଲୋଚନ ନାୟକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିପୁଳ ପରିମାଣର ଚଳ ଓ ଅଚଳ ସମ୍ପତି ଠାବ କରାଯାଇଛି। ଏଥିରେ କଟକର ବିଦ୍ୟାଧରପୁରରେ ପ୍ରାୟ ୧୮,୮୪୦ ବର୍ଗଫୁଟ ବିଶିଷ୍ଟ ଏକ ତିନି ମହଲା କୋଠା, ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ମୁକୁଳିଶିରେ ଦୁଇଟି କୋଠା ଏବଂ ଭୁବନେଶ୍ୱର, କଟକ, ଯାଜପୁର, ବାଲେଶ୍ୱର ଓ ପୁରୀରେ ମୋଟ ୧୮ଟି ମୂଲ୍ୟବାନ ପ୍ଲଟ୍ ରହିଛି । ଏହାଛଡ଼ା ତାଙ୍କ ନିକଟରୁ ୩ ଲକ୍ଷ ୪୫ ହଜାର ଟଙ୍କା ନଗଦ, ଶ୍ରୀଲଙ୍କା, ନେପାଳ, ବାହାରିନ ଓ ଆମେରିକାର ବିଦେଶୀ ମୁଦ୍ରା, ୨ଟି ଜେସିବି ମେସିନ, ୧ଟି ଟାଟା ଟ୍ୟାଙ୍କର, ୧ଟି ଟ୍ରାକ୍ଟର, ୧ଟି ଟ୍ରେଲର, ୩ଟି ଚାରିଚକିଆ ଯାନ, ୧ଟି ଦୁଇଚକିଆ ଯାନ ଏବଂ ପ୍ରାୟ ୨୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ଘରୋଇ ସାମଗ୍ରୀ ଜବତ କରାଯାଇଛି। ଭିଜିଲାନ୍ସର ତଦନ୍ତ, ହିସାବ ଓ ସମ୍ପତିର ମୂଲ୍ୟାଙ୍କନ ପରେ ପଦ୍ମଲୋଚନ ନାୟକଙ୍କ ନିକଟରେ ତାଙ୍କ ଜଣାଶୁଣା ଆୟ ସ୍ରୋତଠାରୁ ୧୧୯ ପ୍ରତିଶତ ଅଧିକ ସମ୍ପତି ଥିବା ଜଣାପଡ଼ିଛି। ମାମଲାର ତଦନ୍ତ ଏବେବି ଜାରି ରହିଥିବା ଜଣାପଡିଛି ।

# ପୁଇଁତଲା ପ୍ରଗତି ଏଫ୍‌ପିସିର ଡାଲି ଓ ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗୀର,୨୬/୬(ନି/ପ୍ର): କୃଷକଙ୍କ ଆୟ ବୃଦ୍ଧି ଏବଂ ଉନ୍ନତ ମାନର ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବଲାଙ୍ଗୀର ଜିଲ୍ଲାର ପୁଇଁତଲା ବ୍ଲକ ଅନ୍ତର୍ଗତ କୁଣ୍ଡାମାଲ ଗ୍ରାମରେ ପୁଇଁତଲା ପ୍ରଗତି ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ ପକ୍ଷରୁ ଏକ ଡାଲି ଓ ଧାନ ବିହନ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍ଘାଟିତ ହୋଇଯାଇଛି। ଏଲ୍‌ଟିଆଇ ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେସନ ସହାୟତାରେ ପ୍ରତିଷ୍ଠା ହୋଇଥିବା ଏହି ଉଦ୍‌ଘାଟନୀ ସମାରୋହରେ ପୁଇଁତଲା ବ୍ଲକର ବିଡିଓ ଶ୍ରୀ ଅମରେନ୍ଦ୍ର ସ୍ୱାଇଁ(ଓଏଏସ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁନିଟ୍ ଶୁଭ ଉଦ୍‌ଘାଟନ କରିଥିଲେ। ନାବାର୍ଡର ଜିଲ୍ଲା ବିକାଶ ପ୍ରବନ୍ଧକ ଡ଼. ବିବେକ କୁମାର ନାୟକ, ରାଇଟ୍ ପ୍ରିନ୍ସିପାଲ୍ ସୁଧାକର ନନ୍ଦ, ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ଼. ମୋଶରାଫ ହୋସେନ, ମହାଶକ୍ତି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଏବଂ କେଭିକେ ବଲାଙ୍ଗୀରର ମୁଖ୍ୟ ଡ଼. ସତ୍ୟମୟ ଶତପଥୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କୃଷକ ଅଂଶୀଦାର ଉପସ୍ଥିତ ରହିଥିଲେ। ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି ପ୍ରକ୍ରିୟାକରଣ ୟୁନିଟ୍ କୃଷକମାନଙ୍କ ପାଇଁ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହା ମାଧ୍ୟମରେ ଉନ୍ନତ ଗୁଣବତାର ବିହନ ପ୍ରସ୍ତୁତି, ସଂରକ୍ଷଣ ଏବଂ ବଜାରକରଣ ସହଜ ହେବା ସହ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ପୁଇଁତଲା ପ୍ରଗତି ଏଫ୍‌ପିସିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ମୋତିଲାଲ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ। କୃଷକଙ୍କ ସାମୂହିକ ଉଦ୍ୟମ ଏବଂ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ସ୍ଥାପିତ ଏହି ୟୁନିଟ୍ ଅଂଚଳର କୃଷିଭିତିକ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ସଫଳ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ସରକାରଙ୍କ ଗୁଣବତା ଧାନ ଚାଷ ପ୍ରୋତ୍ସାହନ ଯୋଜନାରେ ଅତିଥିମାନଙ୍କ ଦ୍ୱାରା ବିହନ ବଂଟନ ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ କୃଷକମାନେ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ, ଏହା ଅଂଚଳର କୃଷି ଉନ୍ନତି ଏବଂ କୃଷକ ସଶକ୍ତିକରଣ ଦିଗରେ ଏକ ନୂତନ ଅଧ୍ୟାୟ ରଚନା କରିବ ବୋଲି ଆଶା ପ୍ରକାଶ କରିଛନ୍ତି। ନିର୍ଦ୍ଦେଶକ ପ୍ରଦୀପ ପଧାନ, ସୁରେନ୍ଦ୍ର ମହାକୁର, ବୃନ୍ଦାବନ କ୍ଷେତି, ତ୍ରିନାଥ ମହାକୁର ମଧୁସୂଦନ କ୍ଷେତି, ଯାଜ୍ଞସେନୀ ବଗର୍ତୀ, ବସୁଦେବ ବସ୍ତିଆ, ପ୍ରହଲ୍ଲାଦ ଡାଙ୍ଗ, ଲକ୍ଷଣ ଡାଙ୍ଗ ଓ ଅନ୍ୟମାନେ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।




# ଆନ୍ତର୍ଜାତୀୟ ମାଦକ ଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ




ରାଉରକେଲା,୨୬/୬(ନି/ପ୍ର): "ନିଶା ମୁକ୍ତ ଭାରତ ଅଭିଯାନ – ବିକଶିତ ଭାରତର ପରିଚୟ" ଥିମ୍ ?କୁ ଆଧାର କରି ଆଜି ପାନପୋଷ ଉପଖଣ୍ଡରେ ଆନ୍ତର୍ଜାତୀୟ ମାଦକଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ-୨୦୨୬ ଉତ୍ସାହପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଚାନ୍ଦିନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉଦିତନଗର ହାଇସ୍କୁଲରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମିନୁ ତାଣ୍ଡିଆ, ଉପଖଣ୍ଡ କ୍ଷୁଦ୍ର ସଂଚୟ ଅଧିକାରୀ (ଝଝଙ) ପ୍ରକାଶ କୁମାର ଦାଶ, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ , ଉଦିତନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ଶାଖାର କର୍ମଚାରୀମାନେ କାର୍ଯ୍ୟକ୍ରମର ସୁଚାରୁ ଆୟୋଜନରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ଏଥିସହିତ ଦିଶା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ଭାବେ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରବନ୍ଧ ଲେଖନ ଓ ବକ୍ତୃତା ପ୍ରତିଯୋଗିତା ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହିତ ଏହି ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିଥିଲେ। ଉତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀମତୀ ମିନୁ ତାଣ୍ଡିଆ ସଭାର ଶୁଭାରମ୍ଭ କରିଥିଲେ। ପରେ ଝଝଝଙ ଶ୍ରୀମତୀ ତାଣ୍ଡିଆ ନିଶାଦ୍ରବ୍ୟ ଦୁର୍ବ୍ୟବହାରର ଗୁରୁତର କୁପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଧ୍ୱଂସାତ୍ମକ ପରିଣାମ ଏବଂ ଏକ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ସମ୍ପର୍କରେ ସବିସ୍ତାର ଆଲୋକପାତ କରିଥିଲେ। ଉପଖଣ୍ଡ କ୍ଷୁଦ୍ର ସଂଚୟ ଅଧିକାରୀ ପ୍ରକାଶ କୁମାର ଦାଶ ମାଦକଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ପ୍ରଚାରର ଭୟାବହ ପ୍ରଭାବ ଉପରେ ଜୋର ଦେଇ ସମାଜର ସଂଯୁକ୍ତ ଦାୟିତ୍ୱ ମାଧ୍ୟମରେ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଜଣାଇଥିଲେ। ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ବିରୋଧରେ ସଚେତନ ରହିବା ସହ ସମାଜରେ ସଚେତନତା ବିସ୍ତାର କରିବାକୁ ପ୍ରେରିତ କରିଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ଶ୍ରୀମତୀ ଚାନ୍ଦିନୀ ନିଶାଦ୍ରବ୍ୟ ସେବନର ହାନିକାରକ ପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଗଭୀର ନକାରାତ୍ମକ ପ୍ରଭାବ ଏବଂ ଅବୈଧ ପାଚାର ନିୟନ୍ତ୍ରଣରେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ନିଶାମୁକ୍ତ ଯୁବପିଢ଼ି ହିଁ ବିକଶିତ ଭାରତ ଗଠନର ଦୃଢ଼ ଭିତ୍ତିସ୍ତମ୍ଭ। କାର୍ଯ୍ୟକ୍ରମର ସମାପନ ଅବସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ (ଝଝଝଙ) ଶ୍ରୀମତୀ ମିନୁ ତାଣ୍ଡିଆ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀଙ୍କୁ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇ ସଭାର ଶୁଭସମାପନ ଘୋଷଣା କରିଥିଲେ।

# ନିର୍ଜଳା ଏକାଦଶୀ ପାଇଁ ଶ୍ୟାମ ମନ୍ଦିରରେ ଭଜନ ସନ୍ଧ୍ୟା



ରାଉରକେଲା,୨୬/୬(ନି/ପ୍ର): ଶ୍ୟାମ ମନ୍ଦିରର ୪୫ତମ ପ୍ରତିଷ୍ଠା ଦିବସ ଏବଂ ନିର୍ଜଳା ଏକାଦଶୀ ପାଳନ ଅବସରରେ ରାଉରକେଲାର ବିର୍ସା ଡାହର ରୋଡରେ ଥିବା ଶ୍ୟାମ ମନ୍ଦିରରେ ଏକ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଏହି ଅବସରରେ, ମନ୍ଦିରର ପୁରୋହିତ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ଭଗବାନ ଶ୍ୟାମଙ୍କ ପୂଜାର୍ଚ୍ଚନା କରିଥିଲେ ଏବଂ ଅନନ୍ତ ଜ୍ୱାଳା ପ୍ରଜ୍ୱଳିତ କରିଥିଲେ। ମନ୍ଦିର ଏବଂ ବାବା ଶ୍ୟାମଙ୍କ ଦରବାରକୁ ସ୍ପନ୍ଦନଶୀଳ ପୁଷ୍ପ ବ୍ୟବସ୍ଥା ଏବଂ ରଙ୍ଗୀନ ସାଜସଜ୍ଜାରେ ସଜ୍ଜିତ କରାଯାଇଥିଲା, ଯାହା ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ରାଉରକେଲାର ପ୍ରସିଦ୍ଧ ଭଜନ ଗାୟକ ବିଶାଲ ଶର୍ମା ଭଗବାନ ଗଣେଶଙ୍କ ନିକଟରେ ପ୍ରାର୍ଥନା କରି ଭଜନ ସନ୍ଧ୍ୟାର ଶୁଭାରମ୍ଭ କରାଯାଇଥିଲା। ଏହା ପରେ, ଛତିଶଗଡ଼ରୁ ଆସିଥିବା ପ୍ରସିଦ୍ଧ ଭଜନ ଗାୟକ ନିଖିଲ, ଶ୍ୟାମ ବାବାଙ୍କ ଭଜନର ଆଧ୍ୟାତ୍ମିକ ପରିବେଷଣ ସହିତ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବହୁ ସଂଖ୍ୟକ ଭକ୍ତ ଭଜନ ସନ୍ଧ୍ୟାରେ ଯୋଗ ଦେଇଥିଲେ ଏବଂ ବାବାଙ୍କ ଭଜନ ଶୁଣିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ଏହି ଭକ୍ତି କାର୍ଯ୍ୟକ୍ରମରେ ଭକ୍ତମାନେ ଭଜନରେ ନୃତ୍ୟ କରିଥିଲେ। ଶେଷରେ ଶ୍ୟାମ ବାବାଙ୍କ ଆରତୀ କରାଯାଇଥିଲା। କାର୍ଯ୍ୟକ୍ରମ ସମାପ୍ତ ହେବା ପରେ, ସମସ୍ତ ଭକ୍ତଙ୍କ ପାଇଁ ବାବା ଶ୍ୟାମଙ୍କ ମହାପ୍ରସାଦ ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଭକ୍ତ ପ୍ରସାଦ ସେବନ କରିଥିଲେ ଏବଂ ପୁଣ୍ୟ ଅର୍ଜନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବିଶ୍ୱାସ, ଭକ୍ତି ଏବଂ ଧାର୍ମିକ ଉତ୍ସାହରେ ପରିପୂର୍ଣ୍ଣ ଥିଲା ଏବଂ ମନ୍ଦିର ପରିସର ଦୀର୍ଘ ସମୟ ପର୍ଯ୍ୟନ୍ତ ବାବା ଶ୍ୟାମଙ୍କ ମନ୍ତ୍ରରେ ପ୍ରତିଧ୍ୱନିତ ହୋଇଥିଲା।

## ବିଜେପି ସିଂହଦ୍ୱାର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ପୁରୀ,୨୬/୬(ନି/ପ୍ର): ଭାରତୀୟ ଜନତା ପାର୍ଟି ସିଂହଦ୍ୱାର ମଣ୍ଡଳ ମହିଳା ମୋର୍ଚ୍ଚା ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ୮ ନମ୍ବର ୱାର୍ଡରେ ଅନୁଷ୍ଠିତ ହୋଇଯାଇଛି। ମହିଳାମୋର୍ଚ୍ଚା ସଭାନେତ୍ରୀ କମଳିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ସିଂହଦ୍ୱାର ମଣ୍ଡଳ

# ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ ପାଳିତ




ରାଉରକେଲା,୨୬/୬(ନି/ପ୍ର): ଶିକ୍ଷା ଓ ମନୋରଞ୍ଜନକୁ ଗୁରୁତ୍ୱ ଦେଇ ତଥା ସବୁବର୍ଗର ଶ୍ରୋତାଙ୍କୁ ଦୃଷ୍ଟିରେ ରଖି, ୧୦୨.୬ ଏଫ୍.ଏମ୍. ଆକାଶବାଣୀ ରାଉରକେଲା ଉନ୍ନତମାନର କାର୍ଯ୍ୟକ୍ରମମାନ ପ୍ରସାରଣ କରି ଶ୍ରୋତାମାନଙ୍କର ପ୍ରିୟଭାଜନ ହୋଇପାରିଛି କ୍ଷ ।ଏହି ଧାରା ଅବ୍ୟାହତ ରଖିବାକୁ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି ।କେନ୍ଦ୍ରର ଯାନ୍ତ୍ରିକ ବିଭାଗର ମୁଖ୍ୟ, ଆସିଷ୍ଟାଂଟ ଇଂଜିନିୟର ହରିହର ନାୟକଙ୍କ ସଭାପତିତ୍ୱ ଓ ଉଦଘୋଷକ ଅଶୋକ ରାଉତଙ୍କ ମଚଂ ସଂଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ରାଉରକେଲା ବନଖଣ୍ଡ ଅଧିକାରୀ ରବିକାନ୍ତ ମୀନା ମୁଖ୍ୟଅତିଥି, ସମ୍ମାନୀୟ ଅତିଥି ଭାବରେ ପାନପୋଷ ରେଞ୍ଜ ଅଫିସର ଶୁଚିସ୍ମିତା ଦାସ, ଆକାଶବାଣୀ ରାଉରକେଲାର କାର୍ଯ୍ୟକ୍ରମ ନିଷ୍ପାଦକ ବିନୀତ କୁମାର ଠାକୁର, ପ୍ରସାରଣ ନିଷ୍ପାଦକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ମଚାଂସିନ ଥିଲେ ।ସଂଯୋଜକ ତଥା ଉଦଘୋଷକ ଶ୍ରୀରାଉତ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ,ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମୀନା ଓ ସମ୍ମାନିତ ଅତିଥି ରେଞ୍ଜ ଅଫିସର ଶୁଚିସ୍ମିତା ଦାସ, ଆକାଶବାଣୀର ଭୂମିକା ବିଷୟରେ ସୂଚନା ଦେବା ସହିତ, ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ 'ଏକ ପେଡ଼ ମା' କେ ନାମ ଉପରେ ବକ୍ତବ୍ୟ ରଖିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ନିଷ୍ପାଦକ ଶ୍ରୀ ଠାକୁର,ପ୍ରସାରଣ ନିଷ୍ପାଦକ ଶ୍ରୀ ସ୍ୱାଇଁ, ଯାନ୍ତ୍ରିକ ବିଭାଗ ର ଆସିଷ୍ଟାଂଟ ଇଞ୍ଜିନିୟର ଶ୍ରୀ ନାୟକ ଅନୁଷ୍ଠାନର ଆଭିମୁଖ୍ୟ ଓ ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଆକାଶବାଣୀ ରାଉରକେଲାର ଉଦଘୋଷକ/ ଉଦଘୋଷିକା, ଉପସ୍ଥାପକ/ ଉପସ୍ଥାପିକାମାନଙ୍କ ମଧ୍ୟରୁ, ସୁନିତା ପଟ୍ଟନାୟକ, ମମତାଞ୍ଜଳି ଦାସ, ଜ୍ୟୋତ୍ସ୍ନାରାଣୀ ସାହୁ, ଶୁଚିସ୍ମିତା ପ୍ରଧାନ, ବିନୟ କୁଲୁ, ରୀନା ଦୀପ, ସୁନୀତା ସିଂହ, ବୀରେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଯୋଗ ଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଯାନ୍ତ୍ରିକ ବିଭାଗର ଅଜିତ କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କେନ୍ଦ୍ର ପରିସରରେ ଆୟୋଜିତ ହୋଇଥିଲା । ଏଥିରେ ଆକାଶବାଣୀ ରାଉରକେଲାର ୩୧ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ, ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ୩୧ ଟି ବୃକ୍ଷଚାରା ରୋପଣ କରାଯାଇଥିଲା । ଏଥିରେ ଆକାଶବାଣୀ ରାଉରକେଲାର କର୍ମକର୍ତ୍ତାଙ୍କ ସମେତ ଫରେଷ୍ଟର ବିଜୟ କଲାର, ଫରେଷ୍ଟ ଗାର୍ଡ ରଜତ କୁମାର ମହାନ୍ତି ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ପରିଚାଳନାରେ ଆକାଶବାଣୀ ରାଉରକେଲାର କାର୍ଯ୍ୟକ୍ରମ ବିଭାଗର କର୍ମଚାରୀଙ୍କ ସମେତ ଯାନ୍ତ୍ରିକ ବିଭାଗର ଗିରିଶ ଚନ୍ଦ୍ର ନାୟକ, ବିକ୍ରମ ସାହୁ, ମିନାକ୍ଷୀ ନାୟକ, ଦିଲୀପ ଖଡ଼ିରତ୍ନ, ଦେବାଶିଷ ଚକ୍ରବର୍ତ୍ତୀ, ବିକାଶ ଚନ୍ଦ୍ର ସାମଲ, ସତ୍ୟ ସୁନ୍ଦର ସାହୁ, ବିଲିୟମ ବାଡା, ଶ୍ୟାମ ହାଁସଦା, ଭକ୍ତୁ କିସାନ, ଅଜିତ କୁମାର ସାହୁ, ସୁରେଶ ସିଂହ ଏବଂ ବିନ୍ନ ବିଭାଗର ରମେଶ ବାଡ଼ାଇକ୍, ନିରଞ୍ଜନ ମୁଣ୍ଡାରୀ ଏବଂ ସୁରକ୍ଷା ବିଭାଗ କର୍ମଚାରୀଙ୍କ ସମେତ ଏଞ୍ଜେଲ ଡୁଙ୍ଗଡୁଙ୍ଗ, ପୁଲକ ସାହୁ, ଲଳିତା, ଯସ୍ମିତା ପ୍ରମୁଖ ସହଯୋଗ କରିଥିଲେ ।

# ରାଉରକେଲାରେ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯିବ : କମିଶନର

## ସିଭିଲ୍ ଟାଉନସିପ୍‌ରେ ଡ୍ରେନ୍ ଉପରେ ଥିବା ଅବୈଧ ନିର୍ମାଣକୁ ଭାଙ୍ଗି ଦିଆଗଲା



ରାଉରକେଲା,୨୬/୬(ନି/ପ୍ର): ବର୍ଷା ଋତୁ ପୂର୍ବରୁ ସହରକୁ ଜବରଦଖଲ ମୁକ୍ତ କରିବା ଏବଂ ସହରାଂଚଳ ଭିତିଭୂମିକୁ ଉନ୍ନତ କରିବା ପ୍ରୟାସର ଏକ ଅଂଶ ଭାବରେ ରାଉରକେଲା ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲ ବିରୁଦ୍ଧରେ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି। ଆଜି ଗୁରୁବାରରେ ରାଉରକେଲା ମ୍ୟୁନିସିପାଲ୍ କର୍ପୋରେସନ୍ (ଜଗଉ)ର ଏନଫୋର୍ସମେଂଟ ୱିଙ୍ଗ୍ ସିଭିଲ୍ ଟାଉନସିପ୍ ଅଚଂଳରେ ଏକ ବଡ଼ ଉଚ୍ଛେଦ ଅଭିଯାନ ଚଳାଇ, ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ ନିର୍ମିତ ଅନଧିକୃତ ନିର୍ମାଣକୁ ହଟାଇ ଦିଆଯାଇଛି। ରାଉରକେଲା ମହାନଗର ନିଗମ ଆୟୁକ୍ତଙ୍କ ସୂଚନା ଅନୁଯାୟୀ, ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ ନିର୍ମିତ ଅବୈଧ ନିର୍ମାଣ ବର୍ଷାଜଳର ପ୍ରାକୃତିକ ପ୍ରବାହକୁ ବାଧା ଦେଉଛି। ଯାହା ଫଳରେ ବର୍ଷା ସମୟରେ ଜଳବନ୍ଦୀ ଏବଂ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଏହି ଜବରଦଖଲ ନିୟମିତ ଡ୍ରେନ୍ ସଫେଇ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପକୁ ମଧ୍ୟ ବାଧାପ୍ରାପ୍ତ କରିଛି। ଆସୁଥିବା ବର୍ଷା ଋତୁକୁ ଆଖି ଆଗରେ ରଖି, ରାଉରକେଲା ମହାନଗର ନିଗମ ପକ୍ଷରୁ ଜବରଦଖଲ ହଟାଇ ସିଭିଲ୍ ଟାଉନସିପ୍‌ର ପ୍ରାୟ ୩୦ଟି ଘର ସାମ୍ନାରେ ଡ୍ରେନ୍ ଉପରେ ନିର୍ମିତ ଅନଧିକୃତ ନିର୍ମାଣକୁ ଭାଙ୍ଗି ଦେଇଛି। ଏହି କାର୍ଯ୍ୟ ଦ୍ୱାରା ସୁଗମ ଜଳ ନିଷ୍କାସନ ସହଜ ହେବା ସହିତ ସ୍ଥାନୀୟ ଅଚଂଳରେ ଜଳବନ୍ଦୀ ହେବାର ଆଶଙ୍କା ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଆରଏମସି କମିଶନର ସୁଶ୍ରୀ ଦିନାଃ ଦସ୍ତଗିର କହିଛନ୍ତି ଯେ ସାର୍ବଜନୀନ ସ୍ଥାନଗୁଡ଼ିକୁ ଅନଧିକୃତ ଦଖଲରୁ ମୁକ୍ତ ରଖିବା ପାଇଁ ଆଗାମୀ ଦିନରେ ଜବରଦଖଲ ବିରୋଧୀ ଅଭିଯାନକୁ ଆହୁରି ବିସ୍ତାର କରାଯିବ। ଏଥିସହିତ ବାସିନ୍ଦାମାନଙ୍କୁ ସରକାରୀ ଜମି, ଡ୍ରେନେଜ୍ ସୁବିଧା, ଫୁଟପାଥ୍ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ଉପରେ ଜବରଦଖଲ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। କମିଶନର ନାଗରିକମାନଙ୍କୁ ସାର୍ବଜନୀନ ଜମି, ଡ୍ରେନ୍ ଉପରେ କିମ୍ବା ଫୁଟପାଥ୍ ଉପରେ କୌଣସି ବାଣିଜ୍ୟିକ କାର୍ଯ୍ୟକଳାପ କିମ୍ବା ନିର୍ମାଣ କାର୍ଯ୍ୟ ନକରିବାକୁ ମଧ୍ୟ ନିବେଦନ କରିଛନ୍ତି, ସହରର ଜାରି ଜବରଦଖଲମୁକ୍ତ ପଦକ୍ଷେପର ଅଂଶ ସ୍ୱରୂପ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ ।

## ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ଅଧ୍ୟକ୍ଷଙ୍କ କୋରାପୁଟ ଜିଲା ଗସ୍ତ

ଜୟପୁର,୨୬/୬(ନି/ପ୍ର): ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ଅଧ୍ୟକ୍ଷ ସରୋଜ ପ୍ରଧାନଙ୍କ ଆଜି କୋରାପୁଟ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଥିଲା ।ଏହି ଗସ୍ତ ଅବସରରେ ସେ ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ପହଂଚି ଥିଲେ । ସେଠାରେ ଜିଲା କଂଗ୍ରେସ ତରଫରୁ ସ୍ୱାଗତ କରାଯାଇଥିଲା ।ଏହି ଗସ୍ତ ଅବସରରେ ଜିଲା ପଛୁଆ ବର୍ଗ ବିଭାଗର ସାଂଗଠନିକ ସୁଦୃଢୀ କରଣ ସମ୍ପର୍କରେ ଆଲୋଚନା ସହ ଜିଲା ପଛୁଆ ବର୍ଗ ବିଭାଗ ଅଧ୍ୟକ୍ଷ ପଦବୀ ପାଇଁ ଦୁଇଟି ପ୍ରସ୍ତାବିତ ନାମ ଏବଂ ରାଜ୍ୟ କର୍ମକର୍ତ୍ତା ପଦବୀ ପାଇଁ ୩ଟି ପ୍ରସ୍ତାବିତ ନାମ ଆଲୋଚନା କରି ଫେରିଥିଲେ ।

# ଜାତୀୟସ୍ତରୀୟ 'ଜେସିଏସଏସଆଇ' ସୁରକ୍ଷା ଜାଗରଣ ପ୍ରତିଯୋଗିତା-୨୦୨୫ରେ ସେଲ୍, ଆରଏସପି କର୍ମଚାରୀଙ୍କ ସଫଳତା



ରାଉରକେଲା,୨୬/୬(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ର କର୍ମଚାରୀମାନେ ପ୍ରତିଷ୍ଠିତ ଜଏଂଟ କମିଟି ଅନ୍ ସେଫ୍ଟି, ହେଲ୍ଥ ଆଣ୍ଡ ଏନ୍ଭାଇରନ୍‌ମେଂଟ ଇନ୍ ଦ ଷ୍ଟିଲ୍ ଇଣ୍ଡଷ୍ଟ୍ରି (ଜେ.ସି.ଏସ.ଏସ.ଆଇ) ଜାଗରଣ ପ୍ରତିଯୋଗିତା-୨୦୨୫ରେ ଅନେକ ପୁରସ୍କାର ଜିତି କାରଖାନା ପାଇଁ ଗୌରବ ଆଣିଛନ୍ତି। ଜୁନ୍ ୨୩ ତାରିଖରେ ସମାଗମ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏକ ଉତ୍ସବରେ, ଭାରପ୍ରାପ୍ତ ମହାପ୍ରବନ୍ଧକ (ସର୍ଭିସେସ୍) ଶ୍ରୀ ଅତୀଶ ଚନ୍ଦ୍ର ସରକାର, ଉକ୍ତ ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ସେଫ୍ଟି ଆଣ୍ଡ ଫାୟାର ସର୍ଭିସେସ୍) ଶ୍ରୀ ହୀରାଲାଲ ମହାପାତ୍ର, ପାଇପ୍ ପ୍ଲାଂଟର ବିଭାଗୀୟ ମୁଖ୍ୟ ମହମ୍ମଦ ଏମ୍. ୟୁ. ଲସ୍କର, ଆର୍ ଆଣ୍ଡ ସି ଲାବୋରେଟୋରୀର ବିଭାଗୀୟ ମୁଖ୍ୟ ଶ୍ରୀ ରମାଶଙ୍କର ଶର୍ମା, କୋକ୍ ଓଭନ୍ସର ମହାପ୍ରବନ୍ଧକ ଶ୍ରୀ ଜିତେନ କୁମାର ମହାନ୍ତି ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ବର୍ଗରେ, ପୋଷ୍ଟର ଡିଜାଇନିଂ ପାଇଁ ପାଇପ୍ ପ୍ଲାଂଟର ଜୁନିୟର ଇଞ୍ଜିନିୟର ଶ୍ରୀ ବାଦଲ କର ଏବଂ ଆର୍ ଆଣ୍ଡ ସି ଲାବୋରେଟୋରୀର ଜୁନିୟର ଇଞ୍ଜିନିୟର ଶ୍ରୀ ମାନସ ରଞ୍ଜନ ବେହେରା ପ୍ରଥମ ପୁରସ୍କାର ହାସଲ କରିଛନ୍ତି। ସେହି ପରି କୋକ୍ ଓଭନ୍ସର ଜୁନିୟର ଇଞ୍ଜିନିୟରିଂ ଆସିଷ୍ଟାଂଟ ଶ୍ରୀ ଦୀପକ କୁମାର ଦେ କ୍ୟାଲେଣ୍ଡର ଡିଜାଇନ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ବିଜୟୀ ହୋଇଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ମହାପ୍ରବନ୍ଧକ (ଏସଇଡି) ତଥା ବିଭାଗୀୟ ମୁଖ୍ୟ ଶ୍ରୀ ଅବକାଶ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମଗ୍ର ଇସ୍ପାତ ଶିଳ୍ପରେ ସୁରକ୍ଷା ସଚେତନତା ବୃଦ୍ଧି କରିବାରେ ଜେସିଏସଏସଆଇ ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ହୀରାଲାଲ ମହାପାତ୍ର ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଏବଂ ଭାରତୀୟ ଇସ୍ପାତ ଶିଳ୍ପରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ପରିଚାଳନା ସଂସ୍କୃତିକୁ ସଦୃଢ଼ କରିବା ପାଇଁ ସେଲ୍ ସେଫ୍ଟି ଅର୍ଗାନାଇଜେସନ, ରାଚିଂ ଦ୍ୱାରା ଜାତୀୟ ସ୍ତରରେ ପ୍ରତିବର୍ଷ ପ୍ରବନ୍ଧ ଲିଖନ, ପୋଷ୍ଟର ଡିଜାଇନ୍ ଏବଂ କ୍ୟାଲେଣ୍ଡର ଡିଜାଇନ୍ ଭଳି ବର୍ଗରେ ଜେସିଏସଏସଆଇ ସଚେତନତା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ୧୯୭୩ ମସିହାରେ ପ୍ରତିଷ୍ଠିତ ଜେସିଏସଏସଆଇ ହେଉଛି ଏକ ଅନନ୍ୟ ଜାତୀୟ ଦ୍ୱିପାକ୍ଷିକ ମଚଂ, ଯେଉଁଥିରେ ସେଲ୍ , ଟାଟା ଷ୍ଟିଲ୍, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏବଂ ଏଏମ/ଏନଏସ ଇଣ୍ଡିଆ ସମେତ ୨୨ଟି ସଦସ୍ୟ ସଂଗଠନ ସାମିଲ ଅଛନ୍ତି ଏବଂ ଏହା ଇସ୍ପାତ ଶିଳ୍ପ କ୍ଷେତ୍ରରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶର ମାନକୁ ଆଗକୁ ବଢ଼ାଇବା ପାଇଁ ମିଳିତ ଭାବେ କାର୍ଯ୍ୟ କରେ।

# ବିକାଶର ଧାରା ଓଡିଶା ସାରା :

## ଦୁଇ ବର୍ଷ ପୂର୍ତ୍ତି ଅବସରରେ ହାତୀବାରି ଗ୍ରାମପଚାଂୟତରେ ହିତାଧିକାରୀଙ୍କ ସମ୍ମିଳନୀ



ହାତୀବାରି,୨୬/୬(ନି/ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ନୂଆଗାଁ ପଚାଂୟତ ଅନ୍ତର୍ଗତ ହାତୀବାରି ଗ୍ରାମପଚାଂୟତରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ନେଇ ଏକ ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିକଶିତ ଭାରତ - ଜୀ ରାମ ଜୀ ଯୋଜନା, ସୁଭଦ୍ରା ଶକ୍ତି ସମାବେଶ ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନଙ୍କୁ ନେଇ ସମ୍ମିଳନୀରେ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡିକୁ ଉପସ୍ଥାପନ କରାଯାଇଥିଲା। ବିକଶିତ ଭାରତ - ଜୀ ରାମ ଜୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ ମଧ୍ୟରେ ୧୨୫ ଦିନ ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି, ନିଯୁକ୍ତି ଦେଇ ନପାରିଲେ ବେରୋଜଗାରୀ ପାଇଁ ଦୃଢ ପଦକ୍ଷେପ, ଠିକ୍ ସମୟରେ ମଜୁରୀ ପ୍ରଦାନ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଚାଂୟତ ଯୋଜନା, ବିକଶିତ ଗ୍ରାମ ପଚାଂୟତ ଯୋଜନାରେ ସମସ୍ତ ଯୋଜନାର ସମନ୍ୱୟ ରହିବ ଏବଂ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସମସ୍ତ ଯୋଜନାର ସମନ୍ୱୟ ରହିଛି ବୋଲି ହିତାଧିକାରୀମାନଙ୍କୁ ବୁଝାଇ ଦିଆଯାଇଥିଲା। ସେହିପରି ସୁଭଦ୍ରା ଶକ୍ତି ସମାବେଶ ମାଧ୍ୟମରେ ଅଙ୍ଗନୱାଡି କର୍ମୀମାନଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ ବଦଳରେ ୨୦୨୬ ଅପ୍ରେଲରୁ ୧୦ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣା ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ଏହି ସମାବେଶରେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଏହି ୧୦ କିଲୋଗ୍ରାମ ଚାଉଳ ମିଳୁଛି ବୋଲି ଅଧିକାରୀମାନେ ହିତାଧିକାରୀମାନଙ୍କୁ ଏହି ସମାବେଶରେ ସୂଚନା ଦେଇଥିଲେ। ଏହି ଗ୍ରାମ ପଚାଂୟତ ସ୍ତରୀୟ ସମାବେଶରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ଏବିଡ଼ିଓ ସୋମେନ୍ଦ୍ର ସୋରା, ହାତୀବାରି ନାଏବ ସରପଚଂ ବୁନ୍ଧୁ କିସପଟ୍ଟା, ଏମ୍ ବି କେ ପ୍ରତିମା ସାହୁ, ବ୍ୟାଙ୍କ ମିତ୍ର ଦୀପ୍ତିମୟୀ ନାୟକ, ହାତୀବାରି ସରପଚଂ ଆଶ୍ରିତା ଏକ୍କା, ନୂଆଗାଁ ବ୍ଲକ୍ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ସାହୁ, ସମାଜସେବୀ ଗଣପତି ଦାଶ, ସମାଜସେବୀ ସୁନ୍ଦର ବଡାଇକ, ସହକାରୀ କୃଷି ଅଧିକାରୀ ଲିସା ଲିସମୟୀ, ପ୍ରମିଳା ଏକ୍କା ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ରାସନ କାର୍ଡ ବଣ୍ଟନ କରିଥିଲେ। ସମାବେଶରେ ମଚଂ ପରିଚାଳନା କରିଥିଲେ ପଚାଂୟତ ଅଧିକାରୀ ରଞ୍ଜନ ବିଶ୍ୱାଳ।